ବର୍ଷ-୨୬, ସଂଖ୍ୟା-୧୭୮
ଭୁବନେଶ୍ୱର
୦୪, ଜୁଲାଇ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 178
Bhubaneswar
04 July, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜାପାନରୁ ଆସିବ ବିପୁଳ ପୁଞ୍ଜିନିବେଶ

ଭୁବନେଶ୍ୱର,୩।୭(ମହାଭାରତ): ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ।

ଆଜି ଲୋକସେବା ଭବନର କନଭେନସନ୍ ସେଣ୍ଟରଠାରେ ଜାପାନର ବିଜିନେସ୍ ଡେଲିଗେଟ୍ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ରାଜ୍ୟ ସରକାର ଏସିଏମଇ ଗ୍ରୁପ ଓ ଆଇଏଚଆଇ କର୍ପୋରେସନ ସହିତ ଏକ ସହଯୋଗ ପତ୍ର ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଶିଳ୍ପାୟନ ସହିତ ଓଡିଶାରେ ବ୍ୟାପକ ନିଯୁକ୍ତି ଓ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ।

ଏହି ଦୁଇଟି କମ୍ପାନୀ ଏସିଏମଇ ଓ ଆଇଏଚଆଇ ଓଡିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ପ୍ରକଳ୍ପ ଗୁଡିକ ହେଲା ଗୋପାଳପୁରରେ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ।

ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହା ଦ୍ୱାରା ୬୦୦ ନିଯୁକ୍ତି ସୃଷ୍ଟି ହେବ।ଏହି ଅବସରରେ ଦେଶର ଅନ୍ୟତମ ବୃହତ୍ତମ ଗ୍ରୀନ୍ ହାଇଡ୍ରୋଜେନ୍ ଇକୋସିଷ୍ଟମ ପ୍ରତିଷ୍ଠା ନେଇ ଓଡ଼ିଶାର ଦୂରଦୃଷ୍ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ଗତକାଲି ମଧ୍ୟପ୍ରାଚ୍ୟର ନିବେଶକଙ୍କ ସହ ୧୧ ବିଲିୟନ ଡଲାରର ଚୁକ୍ତି ପରେ ଆଜି ଦୂର ପ୍ରାଚ୍ୟ ବନ୍ଧୁ ଜାପାନ ସହିତ ହୋଇଥିବା ଏହି ସହଭାଗିତା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩୬ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ।

ଏହି କାର୍ଯ୍ୟକ୍ରମରେ ଏସିଏମଇ ଗ୍ରୁପ ଓ ଆଇଏଚଆଇ ଏମଆଇଟିସୁବିସି ଆଦି ଅନ୍ତର୍ଜାତୀୟ ସ୍ତରର କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ଏମଆଇଟିସୁବିସି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜାନୁଆରୀର 'ଉତ୍କର୍ଷ ଓଡ଼ିଶା' ପରଠାରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି ଏବଂ ବିଗତ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସରକାର ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ରାଜ୍ୟର ୨୯ଟି ଜିଲ୍ଲାରେ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହିତ ଆଗାମୀ କିଛି ଦିନ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ଉଦ୍‌ଯୋଗ ପ୍ରତିଷ୍ଠା କରାଯାଇ ସମାବେଶୀ ଶିଳ୍ପାୟନର ଲକ୍ଷ୍ୟକୁ ହାସଲ କରାଯିବ।

ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି କହିଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ସବୁଜ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଓଡ଼ିଶା ସବୁଠାରୁ ଅନୁକୂଳ ଏବଂ ଆକର୍ଷଣୀୟ ସ୍ଥାନ ଭାବେ ଉଭା ହୋଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଜାପାନର ଅଧିକ ନିକଟତର। ତେଣୁ ଓଡ଼ିଶାରେ ଉତ୍ପାଦିତ ସବୁଜ ଶକ୍ତିକୁ ଖୁବ୍ ସହଜରେ ଜାପାନକୁ ରପ୍ତାନି କରାଯାଇପାରିବ ଏବଂ ଆଗାମୀ ଦିନରେ ଓଡ଼ିଶା ସଫଳତାର ସହ ଜାପାନକୁ ଶକ୍ତି ରପ୍ତାନୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍‌ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ।ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଆବୋଲି ସୁନୀଲ ନରଭାଣେ ଆଲୋଚନା ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମୌସୁମୀ ଅଧିବେଶନରେ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ ଉପରେ ରହିବ ଗୁରୁତ୍ୱ

ନୂଆଦିଲ୍ଲୀ,୩।୭: ସଂସଦର ଆଗାମୀ ମୌସୁମୀ ଅଧିବେଶନ ଉପରେ ସମସ୍ତଙ୍କ ନଜର ରହିଛି। ଜୁଲାଇ ୨୦ରୁ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ପରିସୀମନ (ସୀମା ପୁନଃନିର୍ଦ୍ଧାରଣ) ଓ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କିଛି ରାଜ୍ୟ ମଧ୍ୟରେ ଚିନ୍ତା ଓ ଆଶଙ୍କା ରହିଛି। ଜନସଂଖ୍ୟା ଆଧାରରେ ଆସନ ବଣ୍ଟନ ହେଲେ ରାଜନୈତିକ ସମତାରେ ପ୍ରଭାବ ପଡ଼ିପାରେ ବୋଲି ବିରୋଧୀ ଦଳମାନେ ମତ ପ୍ରକାଶ କରୁଛନ୍ତି। ଅନ୍ୟପଟେ ସରକାର ଏହାକୁ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ଦେବାର ଏକ ଆବଶ୍ୟକ ପ୍ରକ୍ରିୟା ବୋଲି ଦାବି କରୁଛନ୍ତି। ମହିଳା ସଂରକ୍ଷଣ ବିଲ୍ ମଧ୍ୟ ଏହି ଅଧିବେଶନର ମୁଖ୍ୟ ଆକର୍ଷଣ ହେବ। ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଅଧିକ ସଂରକ୍ଷଣ ଦେବା ପ୍ରସ୍ତାବ ଉପରେ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଆସୁଛି। ଏହି ବିଲ୍ ପାସ୍ ହେଲେ ଭାରତର ରାଜନୀତିରେ ମହିଳାଙ୍କ ଭୂମିକା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହା ସହିତ ଅର୍ଥନୀତି, ନିଯୁକ୍ତି, ଦରଦାମ୍ ବୃଦ୍ଧି, ରାଷ୍ଟ୍ରୀୟ ସୁରକ୍ଷା ଓ ବିଦେଶ ନୀତି ସମ୍ପର୍କିତ ଅନେକ ପ୍ରଶ୍ନ ମଧ୍ୟ ସଂସଦରେ ଉଠିପାରେ।

## ୬ରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୭(ମହାଭାରତ): ଆସନ୍ତା ୬ ତାରିଖରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୬ ତାରିଖ ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ସମୀକ୍ଷା କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

## ସଂଶୋଧିତ ପାଠ୍ୟପୁସ୍ତକ ପାଇଁ ଲୋକଙ୍କ ମତାମତ ଲୋଡିଲା ବିଭାଗ

ଭୁବନେଶ୍ୱର, ୩।୭(ମହାଭାରତ) ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ସଂଶୋଧିତ ପାଠ୍ୟପୁସ୍ତକ ପାଇଁ ଲୋକଙ୍କ ମତାମତ ଲୋଡିଲା ବିଭାଗ ।ଏନେଇ ବିଭାଗ ପକ୍ଷରୁ କୁହାଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକ ଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଓସେପାର ୱେବସାଇଟରେ ଦିଆଯାଇଛି ।ପୁସ୍ତକ ଗୁଡିକ ସମ୍ବନ୍ଧରେ ଜନସାଧାରଣଙ୍କ ସୁଚିନ୍ତିତ ମତାମତ ଦିଆଯାଇଥିବା ଇମେଲ୍ ଆଇଡି କିମ୍ବା ବିଦ୍ୟା ସମୀକ୍ଷା କେନ୍ଦ୍ରର ହେଲ୍ପ ଲାଇନ ନମ୍ବରରେ ସାତଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି ।

## ଓଡ଼ିଶାରେ ଏସଆଇଆର ପାଇଁ ୧୦ ଆଇଏଏସଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩।୭(ମହାଭାରତ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ୦୧.୦୭.୨୦୨୬ କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି।

ରାଜେଶ ପ୍ରଭାକର ପାଟିଲ,(କମିଶନର ତଥା ସମବାୟ ବିଭାଗ ସଚିବ) ଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ , ଅରବିନ୍ଦ ଅଗ୍ରୱାଲ (କମିଶନର ତଥା ଉଚ୍ଚଶିକ୍ଷା ବିଭାଗ ସଚିବ)ଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ, ବଳବନ୍ତ ସିଂହ (କମିଶନର ତଥା ପର୍ଯ୍ୟଟନ ବିଭାଗ ସଚିବ) ଙ୍କୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ବି. ପରମେଶ୍ୱରନ (କମିଶନର ତଥା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସଚିବ)ଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ,ଡ. ବିଜୟ କେତନ ଉପାଧ୍ୟାୟ(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ)ଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼, ଡି. ପ୍ରସନ୍ନ କୁମାର ରେଡ୍ଡୀ (ପ୍ରବନ୍ଧ ନିର୍ଦ୍ଦେଶକ, ଇଡକୋ) ଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲ(ଆରଡିସି, କେନ୍ଦ୍ରାଂଚଳ)ଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ଶ୍ରୀମତୀ ରଶ୍ମିତା ପଣ୍ଡା(କମିଶନର ତଥା ଏମଏସଏମଇ ବିଭାଗ ସଚିବ) ଙ୍କୁ ପୁରୀ, ଖୋରଧା,ନୟାଗଡ଼, ଭୁବନେଶ୍ୱର,ମହମ୍ମଦ ସାଦିକ ଆଲମ (କମିଶନର ତଥା ସାଧାରଣ ଉଦ୍ୟୋଗ ବିଭାଗ ସଚିବ)ଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ସଂଗ୍ରାମ କେଶରୀ ମହାପାତ୍ର (ଆରଡିସି, ଉତରାଂଚଳ/ଦକ୍ଷିଣାଂଚଳ)ଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

ଏହି ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ନିଜ ନିଜ ଜିଲ୍ଲାକୁ ଅତିକମରେ ୩ ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ।

ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର



ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭା ମଣ୍ଡଳୀର ମତଦାନ କେନ୍ଦ୍ର ଗୁଡ଼ିକୁ ନିଜେ ପରିଦର୍ଶନ କରିବେ ।ଗସ୍ତ ସମୟରେ ସେମାନେ ସେହି ଅଞ୍ଚଳର ସାଂସଦ ,ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରିବେ। ଏହି ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ। ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସମସ୍ୟା ବା ଅଭିଯୋଗ ପାଇଁ ସାଧାରଣ ଜନତାଙ୍କୁ ମଧ୍ୟ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ କରିବାର ସୁଯୋଗ ଦିଆଯିବ।

ପର୍ଯ୍ୟବେକ୍ଷକମାନଙ୍କର ଗସ୍ତ ସୂଚୀ, ଟେଲିଫୋନ/ମୋବାଇଲ୍ ନମ୍ବର ଇତ୍ୟାଦି ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବ, ଯେପରି ସାଧାରଣ ଲୋକେ ସହଜରେ ଯୋଗାଯୋଗ କରିପାରିବାର ସୁଯୋଗ ପାଇବେ। ଯେଉଁ ବିଧାନସଭା ମଣ୍ଡଳୀଗୁଡ଼ିକରେ ଭୋଟରଙ୍କ ନାମ ବାଦ୍ ପଡ଼ିବା କିମ୍ବା ନୂଆ ନାମ ସଂଯୋଗ ହେବାର ହାର ଜିଲ୍ଲାର ହାରାହାରି ତୁଳନାରେ ୧% ରୁ ଅଧିକ ଥିବ କିମ୍ବା କୌଣସି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଏହା ୩% ରୁ ଅଧିକ ଥିବ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ଓ କାରଣକୁ ପର୍ଯ୍ୟବେକ୍ଷକମାନେ ବ୍ୟକ୍ତିଗତ ଭାବେ ତୀକ୍ଷ୍ଣ ଯାଂଚ କରିବେ।

କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ। ଯାହା ଫଳରେ କେହି ଜଣେ ବି ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡିବେ ନାହିଁ ଓ ଅଯୋଗ୍ୟ ଭୋଟର ସାମିଲ ହେବେ ନାହିଁ ଏବଂ ସମସ୍ତ ପ୍ରକ୍ରିୟା ସ୍ୱଚ୍ଛତାର ସହିତ ହେବ ତା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସମାପ୍ତି ପରେ ଚିଠା ଭୋଟର ତାଲିକା ଆସନ୍ତା ଜୁଲାଇ ୦୫ ତାରିଖ ରେ ପ୍ରକାଶ କରାଯିବ।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତି କିମ୍ବା ଅଭିଯୋଗ ଥିଲେ, ୦୫ ଜୁଲାଇ ରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତି ଦାଖଲ କରାଯାଇପାରିବ। ୦୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ,ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ।

## ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ହେବ ଆଲୋଚନା

ଭୁବନେଶ୍ୱର,୩।୭(ନି.ପ୍ର.): ଆସନ୍ତାକାଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ହେବ ଆଲୋଚନା। ଆସନ୍ତାକାଲି ଦିନ ସାଢେ ୧୧ଟା ସମୟରେ ମନ୍ତ୍ରୀଙ୍କ ଚାମ୍ବରରେ ଆଲୋଚନା ହେବ ବୋଲି ସୂଚନା ମିଳିଛି । ଏ ନେଇ ଓମସା ସଭାପତି ଓ ସମ୍ପାଦକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇଛି ।

ଡାକ୍ତର ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରତିକ୍ରିୟା ରଖିଛନ୍ତି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମୋହନ ପଣ୍ଡା କହିଛନ୍ତି ଯେ, ସ୍ଥିତି ଉପରେ ଅନୁଧ୍ୟାନ କରୁଛୁ ।କିଛି ଜିଲ୍ଲାରେ ଡାକ୍ତର କାର୍ଯ୍ୟରେ ଯୋଗଦେଲେଣି । ଢେଙ୍କାନାଳ, କଳାହାଣ୍ଡିରେ କାର୍ଯ୍ୟରେ ଯୋଗଦେବା ନେଇ ଖବର ଆସିଛି । ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଧ୍ୟ । ସେନେଇ ଚିଠି କରାଯାଇଛି ।କୌଣସି ଜାଗାରେ ବିଶେଷ ଖବର ଆସିନାହିଁ । କେଉଁଠି ଶବ ବ୍ୟବଚ୍ଛେଦ ହେଇପାରିନଥିବା ଖବର ଥିଲା ସମାଧାନ ହୋଇଯାଇଛି । ସ୍ଥିତିକୁ ନିରୀକ୍ଷଣ କରୁଛୁ ବୋଲି ସେ କହିଛନ୍ତି । ସୂଚନା ଅନୁସାରେ, ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର ଗତକାଲି କଠୋର ଚେତାବନୀ ଦେଇଥିଲେ ।ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦେବାକୁ ଚେତାବନୀ ଦେଇଥିଲେ ।କାର୍ଯ୍ୟରେ ଯୋଗ ନ ଦେଲେ ଆନ୍ଦୋଳନରତ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସିଡିଏମ୍‌ଓ, ପିଏଚଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସମସ୍ତ ମେଡିକାଲ କଲେଜ ଅଧ୍ୟକ୍ଷ ଏବଂ ଅଧୀକ୍ଷକଙ୍କୁ ଚିଠି କରାଯାଇଥିଲା ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଚିଠି କରାଯାଇଥିଲା ।ପ୍ରଥମେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଆଲୋଚନାରେ ସାମିଲ ହେବାକୁ ସରକାର ଅନୁରୋଧ କରିଥିଲେ । ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଥିଲା ।ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ ପକ୍ଷରୁ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ , କମିଶନର ତଥା ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତାଙ୍କ ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା। ସରକାର ପୂର୍ବରୁ ଡାକ୍ତରମାନଙ୍କ ବହୁ ଦାବିକୁ ଗ୍ରହଣ କରି ସେମାନଙ୍କର କ୍ୟାଡ ରି-ଷ୍ଟ୍ରକଚରିଂ ରି ବିଭିନ୍ନ ସୁବିଧା ଲାଗୁ କରିଛନ୍ତି । ଡାକ୍ତର ମାନଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ଅନେକ ସୁବିଧା କରିଛନ୍ତି । ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି।

## ସହରାଞ୍ଚଳରେ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମିଳିବ ବିପର୍ଯ୍ୟୟ ପରିଚାଳନା ପାଣ୍ଠି

ଭୁବନେଶ୍ୱର,୩।୭(ମହାଭାରତ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବନ୍ୟା ତଥା ବର୍ଷାଜଳ ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଉନ୍ନତ ବୈଷୟିକ କାର୍ଯ୍ୟପ୍ରଣାଳୀ ଏବଂ ସମୁଦାୟଭିତିକ ସଚେତନତା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କ୍ଷମତା ବୃଦ୍ଧି ଦିଗରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକରେ ସହରାଂଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଏବଂ ଆଇଆଇଟି ରୁର୍କୀ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏମଓୟୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏ ସଂକ୍ରାନ୍ତରେ ଆଇଆଇଟି ରୁର୍କୀ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ପ୍ରଦର୍ଶିତ ହୋଇଥିଲା କ୍ଷ ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସହ ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା କରି ସହରାଞ୍ଚଳ ବନ୍ୟା ପରିଚାଳନା ଏବଂ ବର୍ଷାଜଳ ନିଷ୍କାସନ ଦିଗରେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବା ନେଇ ଆଲୋଚନା ହୋଇଥିଲା ।ଭୁବନେଶ୍ୱର ଏବଂ ଅନ୍ୟ ସହର ମାନଙ୍କରେ ବର୍ଷାଜଳ ଡ୍ରେନେଜ୍ ବ୍ୟବସ୍ଥାର ସୁପରିଚାଳନା ଦ୍ୱାରା ବର୍ଷାଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ ।

ସେହିପରି ବର୍ତ୍ତମାନ ସୁଦ୍ଧା ସମୁଦ୍ରତଟବର୍ତ୍ତୀ ୩୮୧ଟି ସୁନାମିପ୍ରବଣ ଗ୍ରାମ ଚିହ୍ନଟ କରି ବିବିଧ ସମୁଚିତ ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମଗୁଡ଼ିକୁ ସୁନାମି-ପ୍ରସ୍ତୁତ ଗ୍ରାମ ଭାବେ ବିକାଶ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଆଇଓସି - ୟୁନେସ୍କୋ ଦ୍ୱାରା ଓଡ଼ିଶାର ୨୬ଟି



ଗ୍ରାମକୁ ସୁନାମି-ପ୍ରସ୍ତୁତ ଗ୍ରାମ ଭାବେ ଘୋଷଣା କରାଯାଇଛି ।ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ସୁନାମି ପରିଚାଳନା ଏବଂ ପୂର୍ବ ସତର୍କ ସୂଚନା ବ୍ୟବସ୍ଥାର ଆଧୁନିକୀକରଣ ନିମନ୍ତେ ହାଇଦ୍ରାବାଦସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ଦେବା କେନ୍ଦ୍ର ସହିତ ଅନୁବନ୍ଧିତ ହୋଇଛନ୍ତି ।

ବର୍ତ୍ତମାନ ବିପର୍ଯ୍ୟୟର ନୂଆ ସ୍ୱରୂପ ସାଜିଛି ଭୂସ୍ଖଳନ । ନିକଟ ଅତୀତରେ ଗଜପତି ଜିଲ୍ଲାରେ ହୋଇଥିବା ଭୂସ୍ଖଳନକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ଭେ କାର୍ଯ୍ୟ କରାଯାଉଛି । ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉତର-ପୂର୍ବ ରାଜ୍ୟ ଗସ୍ତ କରି ସେଠିକାର ଭୂସ୍ଖଳନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ ବିଶେଷଜ୍ଞ ସଂସ୍ଥାମାନଙ୍କ ସହ ଆଲୋଚନା ମଧ୍ୟ ଚାଲୁ ରହିଛି । ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସମୁଦ୍ର କୂଳ ଲଘଂନକୁ ନଜରରେ ରଖି ଆଗାମୀ ଦିନରେ ଏଥିପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ବାତ୍ୟାପ୍ରବଣ ଅଂଚଳରେ ସରକାରୀ ଆବାସ ଯୋଜନାରେ ଦିଆଯାଉଥିବା ଘର ଗୁଡ଼ିକୁ ବିପର୍ଯ୍ୟୟ ପ୍ରତିରୋଧୀ ବାସସ୍ଥାନ ନିର୍ମାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।ବୈଠକରେ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମର କମିଶନର୍ ଚଂଚଳ ରଣା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଆଇଆଇଟି ରୁର୍କୀ ଏବଂ ଆଇଏନସିଓଆଇଏସ ହାଇଦ୍ରାବାଦର କର୍ତ୍ତୃପକ୍ଷ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜୈଶ-ଏ-ମହମ୍ମଦର ୮ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୩।୭(ମହାଭାରତ): ଗୁଜୁରାଟ ଏବଂ ମଧ୍ୟପ୍ରଦେଶରୁ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଗୁଜୁରାଟ ଏଟିଏସ୍ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ସମସ୍ତ ଆତଙ୍କବାଦୀଙ୍କୁ ଧରିଛି। ଗୁଜୁରାଟ ଆଣ୍ଟି ଟେରର ସ୍କ୍ୱାଡ୍ କହିଛି ଯେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ୮ ଜଣ ଅଭିଯୁକ୍ତଙ୍କୁ ଗୁଜୁରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଗିରଫ କରାଯାଇଛି। ସେମାନେ ଗୁଜୁରାଟରେ ଏହାର ଆତଙ୍କବାଦୀ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ପାଇଁ ଏକ ସକ୍ରିୟ ନେଟୱାର୍କ ଚଳାଉଥିଲେ। ଜୈଶ-ଏ-ମହମ୍ମଦର ନିର୍ଦ୍ଦେଶରେ ଏହି ୟୁନିଟି ଚାଲିଥିଲା। ସମସ୍ତ ଆଠ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଟଇଚଇ ର ଧାରା ୧୩, ୧୭, ୧୮, ୩୮, ୩୯ ଏବଂ ସିଆରପିସିର ଧାରା ୧୪୮, ୬୧ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ସୀମାପାର ଆତଙ୍କୀକୁ ନେଇ ଭାରତର କଡ଼ା ଆଭିମୁଖ୍ୟ

ନୂଆଦିଲ୍ଲୀ।୩।୭(ମହାଭାରତ) ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଭାରତ। ପାକିସ୍ତାନ ପକ୍ଷରୁ ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେବା ସମ୍ପୂର୍ଣ୍ଣ ବନ୍ଦ ନହେବା ଏବଂ ଏ ଦିଗରେ କୌଣସି ବିଶ୍ୱାସଯୋଗ୍ୟ ତଥା ସ୍ଥାୟୀ ପଦକ୍ଷେପ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ସ୍ଥଗିତ ରହିବ ବୋଲି କେନ୍ଦ୍ର ସରକାର ଶୁକ୍ରବାର ସ୍ପଷ୍ଟ କରିଛନ୍ତି।



ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସର୍ବଦା ସ୍ପଷ୍ଟ ଓ ସମାନ ରହିଛି। ପାକିସ୍ତାନ ଦ୍ୱାରା କ୍ରମାଗତ ଭାବେ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁଁ ହିଁ ଏହି ଚୁକ୍ତିକୁ ସ୍ଥଗିତ ରଖାଯାଇଛି। ପାକିସ୍ତାନକୁ ପ୍ରଥମେ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ ବୋଲି ଜୈସୱାଲ କହିଛନ୍ତି।

ନିକଟରେ ପାକିସ୍ତାନର ମନ୍ତ୍ରୀ ମୁସାଦିକ ମଲିକଙ୍କ ଏକ ବିବାଦୀୟ ବୟାନ ପରେ ଭାରତ ପକ୍ଷରୁ ଏହି ପ୍ରତିକ୍ରିୟା ପ୍ରକାଶ ପାଇଛି। ମଲିକ କହିଥିଲେ ଯେ, ସିନ୍ଧୁ ଜଳ ଚୁକ୍ତି ଅଧୀନରେ ପାକିସ୍ତାନ ଭାଗର ପାଣିକୁ ଯଦି କେହି ଛଡ଼ାଇବାକୁ ଚେଷ୍ଟା କରେ, ତେବେ ଇସଲାମାବାଦ ସେହି ହାତକୁ କାଟିଦେବ। ଅନ୍ୟପକ୍ଷରେ ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର ଦାବି କରିଥିଲେ ଯେ, ୧୯୬୦ ମସିହାରେ ବିଶ୍ୱ ବ୍ୟାଙ୍କ ମଧ୍ୟସ୍ଥତାରେ ହୋଇଥିବା ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ସ୍ଥଗିତ କିମ୍ବା ସଂଶୋଧନ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ, ପ୍ରାୟ ୯ ବର୍ଷର ଆଲୋଚନା ପରେ ୧୯୬୦ ସେପ୍ଟେମ୍ବର ୧୯ରେ ଦୁଇ ଦେଶ ମଧ୍ୟରେ ନଦୀ ଜଳ ବଣ୍ଟନକୁ ନେଇ ଏହି ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମାତ୍ର ୨୦୨୫ ଏପ୍ରିଲ ୨୨ରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଏହି ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

ବାଂଲାଦେଶର ତିସ୍ତା ନଦୀ ପ୍ରକଳ୍ପ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର କହିଛନ୍ତି ଯେ, ବାଂଲାଦେଶକୁ ଭାରତର ବିକାଶମୂଳକ ସହାୟତା ଏକ ପାରସ୍ପରିକ ସହମତି ଭିତ୍ତିକ ରୋଡମ୍ୟାପ୍ ଅନୁଯାୟୀ ପରିଚାଳିତ ହେଉଛି ଏବଂ ଏହାର ନିୟମିତ ସମୀକ୍ଷା କରାଯାଉଛି। ଭାରତ ଏହି ପ୍ରକଳ୍ପ ବାବଦରେ ବାଂଲାଦେଶ ସରକାରଙ୍କୁ ନିଜର ମତାମତ ଜଣାଇ ସାରିଛି ଏବଂ ଆଗାମୀ ଦିନରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକୁ ନେଇ ଏ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ଅଳସୀ ଚିଲା


ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।




## ସତ୍ୟକାମଙ୍କ ବ୍ରହ୍ମଜ୍ଞାନ ଗ୍ରହଣ



ସତ୍ୟକାମଙ୍କୁ ୪ଶହ ଦୁର୍ଲ୍ଲଭ ଗାଈ ଦାନ କରି ଋଷି ଗୌତମ କହିଲେ, ଏମାନଙ୍କୁ ବଣକୁ ଚରାଇବାକୁ ନେଇ ଯାଅ । ଏମାନଙ୍କ ସଂଖ୍ୟା ୧ହଜାର ହୋଇଗଲେ ଆଶ୍ରମକୁ ଫେରାଇ ଆଣିବ । ସତ୍ୟକାମ ଗାଈତକ ନେଇ ବଣକୁ ଗଲେ । ସେ ମନପ୍ରାଣ ଦେଇ ଗାଈଙ୍କ ସେବା ଜାରି ରଖିଲେ । ଦିନେ ସେହି ଗାଈପଲ ମଧ୍ୟରୁ ଏକ ଷଣ୍ଢ ଆସି ସତ୍ୟକାମଙ୍କୁ କହିଲା, ଆମ ସଂଖ୍ୟା ଏବେ ଏକ ହଜାର ହୋଇ ଯାଇଛି । ଏବେ ଆମକୁ ନେଇ ଗୁରୁକୁଳରେ ପହଞ୍ଚାଇ ଦିଅ । ସେହି ଷଣ୍ଢ ସତ୍ୟକାମଙ୍କୁ ବ୍ରହ୍ମଜ୍ଞାନର ପ୍ରଥମ ଉପଦେଶ ଦେଲା ଏବଂ କହିଲା, ଜ୍ଞାନର ଦ୍ୱିତୀୟ ଚରଣ ଅଗ୍ନିଦେବ କହିବେ । ସତ୍ୟକାମ ଗାଈଙ୍କୁ ନେଇ ବାହାରିଲେ । ସନ୍ଧ୍ୟାରେ ସେ ବିଶ୍ରାମ ନେବାକୁ ବାହାରିଲେ । ଅନ୍ଧାରରୁ ମୁକ୍ତି ପାଇବା ଲାଗି ସେ ଅଗ୍ନି ପ୍ରଜ୍ୱଳିତ କଲେ । ସେଥିରୁ ଅଗ୍ନି ଦେବ ପ୍ରକଟ ହୋଇ ବ୍ରହ୍ମର ଦ୍ୱିତୀୟ ଉପଦେଶ ଦେଲେ ଏବଂ କହିଲେ ପରବର୍ତ୍ତୀ ଉପଦେଶ ହଂସ ଦେବ । ଦ୍ୱିତୀୟ ଦିନ ସତ୍ୟକାମ ଏକ ଜଳାଶୟ ନିକଟରେ ରହିଲେ । ସେହି ଜଳାଶୟରୁ ଏକ ହଂସ ଆସି ତାଙ୍କୁ ତୃତୀୟ ତଥା ବ୍ରହ୍ମର ଶେଷ ଉପଦେଶ ଦେଲେ । ଏହିଭଳି ପରମାତ୍ମାଙ୍କ ଅନୁଭୂତି ଏବଂ ଏକ ହଜାର ଗାଈ ନେଇ ସତ୍ୟକାମ ଆଶ୍ରମକୁ ଫେରିଲେ । ଆଚାର୍ଯ୍ୟ ଗୌତମ ତାଙ୍କ ତେଜପୂର୍ଣ୍ଣ ଦିବ୍ୟକାନ୍ତି ଦେଖି କହିଲେ ତୁମେ ବ୍ରହ୍ମଜ୍ଞାନୀ ଭଳି ଦେଖା ଯାଉଛ । ସତ୍ୟକାମ ଗତ ଚାରିଦିନର ଘଟଣା ଶୁଣାଇଲେ ଏବଂ କହିଲେ, ମୁଁ ଶୁଣିଛି ଆଚାର୍ଯ୍ୟଙ୍କଠାରୁ ପ୍ରାପ୍ତ ବିଦ୍ୟା ଶ୍ରେଷ୍ଠ ହୋଇଥାଏ । ଆପଣ ମୋତେ ପୂର୍ଣ୍ଣ ଉପଦେଶ ଦିଅନ୍ତୁ । ଆଚାର୍ଯ୍ୟ ପ୍ରସନ୍ନ ହେଲେ ଏବଂ କହିଲେ, ବତ୍ସ ତୁମେ ଯାହା ପ୍ରାପ୍ତ କରିଛ ତାହାହିଁ ବ୍ରହ୍ମତତ୍ତ୍ୱ । ତୁମେ ସେବା ମାର୍ଗରେ ଯାଇ ବ୍ରହ୍ମଜ୍ଞାନୀ ହୋଇପାରିଛ । ଏହି କାହାଣୀ 'ଛାନ୍ଦୋଗ୍ୟ ଉପନିଷଦ୍'ରେ ଉଲ୍ଲେଖ ରହିଛି । ଗୁରୁଙ୍କର ସେବା, ସତ୍ୟ ପ୍ରତି ନିଷ୍ଠା ଏବଂ ଦାୟିତ୍ୱବାନ ହେବା ଲାଗି ଏହି କାହାଣୀ ଆମକୁ ଉପଦେଶ ଦେଇଥାଏ ।

## ଓଜନ ହ୍ରାସ କରେ କେଶର

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍ । ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ । ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।

କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ରତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ରତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ରତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର,ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

## ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।



## ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- "ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।" (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛି। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦୁବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଥିର ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁବ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚିତ୍ ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।



## ନିଷ୍ଠାବାନ ଭୀଷ୍ମ

ମହାଭାରତରେ ଅନେକ ନାୟକ ଅଛନ୍ତି । ତେବେ ପ୍ରତ୍ୟେକ ଚରିତ୍ରଙ୍କ କେତେକ ବିଶେଷ ଗୁଣ ରହିଥିଲା । ସେମାନଙ୍କ ଏହି ଗୁଣ ମାନବ ସମାଜକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ । ମହାଭାରତର ଏମିତି ଜଣେ ଗୁରୁତ୍ୱପୂର୍ଣ୍ଣ ନାୟକ ହେଉଛନ୍ତି



ପିତାମହ ଭୀଷ୍ମ । ସେ କୁରୁ ବଂଶର ରାଜା ଶାନ୍ତନୁ ଏବଂ ଦେବୀ ଗଙ୍ଗାଙ୍କ ପୁତ୍ର ଥିଲେ । ଭୀଷ୍ମଙ୍କ ଭଳି ନିଷ୍ଠା ମହାଭାରତର ଅନ୍ୟ କୌଣସି ଚରିତ୍ରଙ୍କ ଠାରେ ଦେଖିବାକୁ ମିଳିନଥାଏ । ପିତାମହଙ୍କ ମୂଳ ନାମ ଥିଲା ଦେବବ୍ରତ । ସେ ଆଜୀବନ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିବା ଲାଗି ଭୀଷଣ ପ୍ରତିଜ୍ଞା ନେଇଥିଲେ । ସେଥିପାଇଁ ତାଙ୍କ ନାମ ଭୀଷ୍ମ ହୋଇଥିଲା । ହସ୍ତିନାପୁର ରାଜ୍ୟର ରାଜପଦକୁ ଅସ୍ୱୀକାର କରି ସେ ସିଂହାସନର ସୁରକ୍ଷା ପାଇଁ ନିଜ ପିତା ଏବଂ ବିମାତାଙ୍କୁ ବଚନ ଦେଇଥିଲେ । ଭୀଷ୍ମଙ୍କ ହୃଦୟରେ ଧର୍ମ ରହିଥିଲା । ସେ ପାଣ୍ଡବମାନଙ୍କୁ ସେମାନଙ୍କର ଅଧିକାର ଦେବା ଲାଗି ହସ୍ତିନାପୁର ରାଜା ଧୃତରାଷ୍ଟ୍ର ଏବଂ ତାଙ୍କ ପୁତ୍ର କୌରବଙ୍କ ନିକଟରେ ଦାବି କରିଥିଲେ । ମାତ୍ର ସେମାନେ ଭୀଷ୍ମଙ୍କ କଥା ଶୁଣିନଥିଲେ । କୌରବମାନେ ଅଧର୍ମ ପକ୍ଷରେ ଥିଲେ ଏବଂ ପାଣ୍ଡବମାନେ ଧର୍ମ ପକ୍ଷରେ । ଏହା ଜାଣି ସୁଦ୍ଧା ଭୀଷ୍ମ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରିଥିଲେ । କାରଣ ତାଙ୍କର ହସ୍ତିନାପୁର ରାଜସିଂହାସନ ପ୍ରତି ଗଭୀର ନିଷ୍ଠା ରହିଥିଲା । ଏହି ନିଷ୍ଠା କାରଣରୁ ସେ ସିଂହାସନ ପ୍ରତି ନିଜର କର୍ତ୍ତବ୍ୟ ତୁଲାଇଥିଲେ । ଅନ୍ୟପକ୍ଷରେ ପିତାମହ ହୋଇଥିବା ଦୃଷ୍ଟିରୁ ତାଙ୍କର ପାଣ୍ଡବମାନଙ୍କ ପ୍ରତି କେତେକ କର୍ତ୍ତବ୍ୟ ରହିଥିଲା । ତେଣୁ ଯୁଦ୍ଧ ସମୟରେ ସେ ଅର୍ଜୁନଙ୍କୁ ନିଜର ମୃତ୍ୟୁ ରହସ୍ୟ କହିଦେଇଥିଲେ । ଶେଷରେ ଶ୍ରୀଖଣ୍ଡିନୀ ଆଗକୁ ଆସିବାରୁ ଭୀଷ୍ମ ଅସ୍ତ୍ର ତ୍ୟାଗ କରି ମୃତ୍ୟୁକୁ ବରଣ କରିଥିଲେ । ଏହା ପାଣ୍ଡବଙ୍କ ସହିତ ରହିଥିବା ତାଙ୍କର ସମ୍ପର୍କ ପ୍ରତି ନିଷ୍ଠା ଥିଲା । ନିଃସନ୍ତାନ ହୋଇସୁଦ୍ଧା ନିଜର ବଂଶଜଙ୍କ ପ୍ରତି ନିଷ୍ଠା ରହିବା କାରଣରୁ ସେ ପ୍ରସିଦ୍ଧ ହୋଇପାରିଥିଲେ ।

# ଜାତୀୟ ଆବଶ୍ୟକତା

ଆଜିର ସମୟରେ ଭାରତୀୟ ସମାଜରେ ସୁନା ପ୍ରତି ଥିବା ଦୁର୍ବାର ଆକର୍ଷଣ କାହାକୁ ଅଛପା ନାହିଁ। ପରମ୍ପରା ସଂସ୍କୃତି ଏବଂ ସମ୍ମାନର ପ୍ରତୀକ ଭାବେ ଆମେ ସୁନାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଛୁ। ମାତ୍ର ବର୍ତ୍ତମାନର ବିଶ୍ୱସ୍ତରୀୟ ଅର୍ଥନୈତିକ ପରିସ୍ଥିତିକୁ ବିଚାର କଲେ, ଆମର ଏହି ପାରିମ୍ପରିକ ଅଭ୍ୟାସ ଦେଶ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରୁଛି। ନିକଟରେ ସୁନା ଦରରେ କିଛିଟା ହ୍ରାସ ଘଟିଥିଲେ ମଧ୍ୟ ବଜାରରେ କ୍ରେତାଙ୍କ ସଂଖ୍ୟା ଆଶାତୀତ ଭାବେ କମିଛି। ଏହା କେବଳ ଏକ ବ୍ୟବସାୟିକ ମାନ୍ଦାବସ୍ଥା ନୁହେଁ, ବରଂ ଜନସାଧାରଣଙ୍କ ମନରେ ଆସିଥିବା ଏକ ବଡ ପରିବର୍ତ୍ତନର ସୂଚକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମୟୋପଯୋଗୀ ଆହ୍ୱାନ, ଅନାବଶ୍ୟକ ଭାବେ ସୁନା ନ କିଣିବାକୁ ନେଇ ଯେଉଁ ଚର୍ଚ୍ଚା ସୃଷ୍ଟି ହୋଇଛି, ତାହା ଆଜିର ସମୟର ସବୁଠାରୁ ବଡ ଜାତୀୟ ଆବଶ୍ୟକତା ପାଲଟିଛି। ଭାରତ ଏକ ବିଶାଳ ଦେଶ ଏବଂ ସୁନା ଆମଦାନୀ କ୍ଷେତ୍ରରେ ଆମେ ବିଶ୍ୱର ଅଗ୍ରଣୀ ଦେଶ ମଧ୍ୟରୁ ଅନ୍ୟତମ। ପ୍ରତ୍ୟେକ ବର୍ଷ ଆମେ ବିଦେଶରୁ ବିପୁଳ ପରିମାଣର ସୁନା ଆମଦାନୀ କରୁଛୁ, ଯାହାପାଇଁ ଆମକୁ ବହୁମୂଲ୍ୟ ବୈଦେଶିକ ମୁଦ୍ରା ବା ଡଲାର ଖର୍ଚ୍ଚ କରିବାକୁ ପଡୁଛି। ବର୍ତ୍ତମାନର ଭୌଗଳିକ ରାଜନୈତିକ ସ୍ଥିତି ଯେପରି ଅସ୍ଥିର ହୋଇପଡିଛି, ତେଲ ଦରଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଆମକୁ ସିଧାସଳଖ ଡଲାର ଉପରେ ନିର୍ଭର କରିବାକୁ ପଡୁଛି। ଯଦି ଆମେ ସୁନା ଆମଦାନୀ ପାଇଁ ଅହେତୁକ ଭାବେ ଡଲାର ଖର୍ଚ୍ଚ କରିଚାଲିବା, ତେବେ ଦେଶର ବିନିମୟ ମୂଲ୍ୟ ଉପରେ ଚାପ ପଡିବ, ଯାହାର ସିଧା ପ୍ରଭାବ ସାଧାରଣ ଲୋକଙ୍କ ଜୀବନଧାରଣ ଉପରେ ଏହି କଥାକୁ ହିଁ ମାନ୍ୟବର ପ୍ରଧାନମନ୍ତ୍ରୀ ବାରମ୍ବାର ଦେଶବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ସୁନା କିଣିବା କୌଣସି ପାପ ନୁହେଁ, କିନ୍ତୁ ଅନାବଶ୍ୟକ ଭାବେ ଏହାକୁ ଗଚ୍ଛିତ କରି ରଖିବା ଦେଶର ବିକାଶ ପାଇଁ ବାଧକ ସାଜୁଛି। ଅଧିକାଂଶ ପରିବାରରେ ଆଜି ମଧ୍ୟ ବିବାହ ଉତ୍ସବରେ ସୁନାର ଅପବ୍ୟବହାର ଦେଖିବାକୁ ମିଳୁଛି। ସୁନାକୁ କେବଳ ସମ୍ପତି ବା ପୁଞ୍ଜି ଭାବେ ନ ଦେଖି ଏହାକୁ ଏକ ପ୍ରଦର୍ଶନର ବସ୍ତୁ ଭାବେ ବ୍ୟବହାର କରିବା ଆମର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗ୍ରହଣ କରି ଆଜି ଅନେକ ସଚେତନ ବ୍ୟକ୍ତି ସୁନା କିଣିବା ବନ୍ଦ କରି ଅର୍ଥକୁ ସ୍ମଲ ସେଭିଂ ସ୍କିମ୍, ଶେୟାର ବଜାର, କିମ୍ବା ବ୍ୟାଙ୍କ ଡିପୋଜିଟରେ ବିନିଯୋଗ କରୁଛନ୍ତି। ଏହାଦ୍ୱାରା ଅର୍ଥନୀତିରେ ପୁଞ୍ଜି ସଂଚାରଣ ହେଉଛି। ସୁନା ଯାହାକି ଲକରରେ ପଡି ରହିଲେ କୌଣସି ଉତ୍ପାଦନକ୍ଷମ କାମରେ ଲାଗେ ନାହିଁ, ତାହାକୁ ଆର୍ଥିକ ସମ୍ପଦରେ ପରିଣତ କରିବା ହିଁ ପ୍ରକୃତ ଦେଶପ୍ରେମ। ସୁନା ବଜାରରେ ସମ୍ପ୍ରତି ସ୍ଥିତିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଗ୍ରାହକମାନେ ଏବେ ସୁନା କିଣିବା ପରିବର୍ତ୍ତେ ନିଜ ପାଖରେ ଥିବା ପୁରୁଣା ସୁନାକୁ ବିକ୍ରି କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହା ଦୁଇଟି କଥା ସୂଚାଉଛି। ପ୍ରଥମତଃ, ଲୋକେ ଆର୍ଥିକ ଭାବେ ସଚେତନ ହେଉଛନ୍ତି ଏବଂ ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ଆବଶ୍ୟକତା ପ୍ରତି ସେମାନେ ଗୁରୁତ୍ୱ ଦେଉଛନ୍ତି। ଏହା ପରିବର୍ତ୍ତନ ଅତ୍ୟନ୍ତ ସକାରାତ୍ମକ। ଆମେ ଯଦି ସୁନା ପ୍ରତି ଥିବା ଆମର ମୋହକୁ କିଛିଟା କମ୍ କରି ଦେଶର ସ୍ୱାର୍ଥରେ ସଂଚୟ କରିବା ଶିଖିବା, ତେବେ ଭବିଷ୍ୟତରେ ଆମର ଅର୍ଥନୀତି ଅଧିକ ସୁଦୃଢ ହେବ। ସର୍ବଶେଷରେ ସୁନା କିଣିବା ଏକ ବ୍ୟକ୍ତିଗତ ପସନ୍ଦ ହୋଇପାରେ, କିନ୍ତୁ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଆମେ କ'ଣ କରୁଛେ ତାହା ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରେ। ଆମର ସଂଚୟ ଯଦି ଦେଶର ବିକାଶରେ ଲାଗିବ, ତେବେ ତାହା ପ୍ରକୃତ ଅର୍ଥରେ ସୁନା ଠାରୁ ବି ମୂଲ୍ୟବାନ ହେବ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ଆସନ୍ତୁ ଆମେ ସୁନା କିଣିବା ଅଭ୍ୟାସରେ ସଂଯମତା ଅବଲମ୍ବନ କରିବା ଏବଂ ଦେଶର ଆର୍ଥିକ ଅଭିବୃଦ୍ଧିରେ ନିଜର ଅବଦାନ ରଖିବା। ସୁନା ମୋହ ତ୍ୟାଗ କରି ଆର୍ଥିକ ସ୍ୱାଧୀନତାର ପଥରେ ଅଗ୍ରସର ହେବା ହିଁ ଆଜିର ସମୟରେ ସର୍ବଶ୍ରେଷ୍ଠ ଆବଶ୍ୟକତା। ସୁନା ଦର ହ୍ରାସ ପାଇବା ସତ୍ତ୍ୱେ ବଜାରରେ କ୍ରେତାଙ୍କ ସଂଖ୍ୟା କମିବାରେ ଲାଗିଛି। ସାଧାରଣତଃ ଦର କମିଲେ ଗ୍ରାହକମାନେ ଅଧିକ ସୁନା କିଣିବାକୁ ପସନ୍ଦ କରନ୍ତି, ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଦେଶର ଅର୍ଥନୈତିକ ସ୍ଥିରତା ଓ ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନେକ ସମୟରେ ଅନାବଶ୍ୟକ ସୁନା କ୍ରୟ ନକରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ବିଶ୍ୱସ୍ତରୀୟ ଅସ୍ଥିରତା ଓ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁଁ ଭାରତର ବୈଦେଶିକ ମୁଦ୍ରା ଉପରେ ଚାପ ପଡୁଛି। ଅଧିକ ସୁନା ଆମଦାନୀ କଲେ ଦେଶର ଡଲାର ସଂଚୟ ହ୍ରାସ ପାଏ, ଯାହା ଅର୍ଥନୀତି ପାଇଁ ଚିନ୍ତାର ବିଷୟ। ସେଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକଙ୍କୁ ଅନାବଶ୍ୟକ ଭାବେ ସୁନା କିଣିବାକୁ ବାରଣ କରିଥିଲେ। ଅନେକ ପରିବାର ଏହି ଅହ୍ୱାନକୁ ଗ୍ରହଣ କରି ବିବାହ ବ୍ରତ ବା ସାମାଜିକ କାର୍ଯ୍ୟରେ ପୁରୁଣା ସୁନାକୁ ବ୍ୟବହାର କରିବା କିମ୍ବା ନୂତନ ସୁନା ଦର ସ୍ଥିର ନଥିବାରୁ ଏବଂ ଅର୍ଥନୈତିକ ଅନିଶ୍ଚିତତା କାରଣରୁ ଲୋକେ ସୁନା କିଣିବା ପରିବର୍ତ୍ତେ ନିଜର ସଂଚିତ ସୁନା ବିକ୍ରି କରିବାକୁ ଅଧିକ ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ଦେଶରେ ପୁରୁଣା ସୁନା ବିକ୍ରି ପ୍ରାୟ ୪୩ପ୍ରତିଶତ ବୃଦ୍ଧି ପାଇଛି। ଜଣେ ସଚେତକ ନାଗରିକ ଭାବେ ଦେଶର ଅର୍ଥନୈତିକ ସ୍ୱାର୍ଥକୁ ଆଗରେ ରଖିବା ଏବଂ ବଜାରର ସ୍ଥିତିକୁ ବୁଝି ନିଷ୍ପତି ନେବା ଏବେ ସମୟର ଆବଶ୍ୟକତା । ସୁନା କେବଳ ଏକ ଅଳଙ୍କାର ନୁହେଁ ବରଂ ଏକ ଆର୍ଥିକ ସମ୍ପତି। ତେଣୁ ବଜାରରେ ହେଉଥିବା ଉତ୍ଥାନ-ପତନ ଓ ଦେଶର ସାମଗ୍ରିକ ଅର୍ଥନୀତିକୁ ଦୃଷ୍ଟିରେ ରଖି ନିବେଶ କରିବା ହିଁ ବୁଦ୍ଧିମାନର କାମ। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ କେବଳ ସରକାରୀ ନିଷ୍ପତି ନୁହେଁ, ବରଂ ଜାତୀୟ ଅର୍ଥନୀତିକୁ ମଜବୁତ କରିବାରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ଯାହାଫଳରେ ଗ୍ରାହକମାନେ ଏବେ ସୁନା କ୍ରୟ କ୍ଷେତ୍ରରେ ଅଧିକ ସତର୍କ ଓ ସଂଯମତା ଅବଲମ୍ବନ କରୁଛନ୍ତି।

# ଏକାଠି ଗୁନ୍ଥି ରଖନ୍ତୁ ପରିବାରକୁ 'ଶିଶୁ ବଢ଼ି କ୍ରମେ ହୁଏ ଯୁବା ବୃଦ୍ଧ, ଚତୁର ପ୍ରବୀଣ ନର'

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆଜିର ଖବରକାଗଜ ଉପରେ ଆଖି ପକାଇଲା ବେଳକୁ ଛାତି ଭିତରେ ଦଲକାଇ ଦେଲାଭଳି ଘଟଣାଟି ଅସହ୍ୟ କଷ୍ଟ ଦେଲା। ବାଲିପାଟଣା ଥାନା ଅଧୀନ ବସନ୍ତଡିହ ଗ୍ରାମର ଏକୋଇଶ ବର୍ଷ ବୟସର ପୁଅ ଶିବ ପ୍ରସାଦ ବାପାଙ୍କୁ ମଦ ପିଉଥିବାର ଦେଖି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଗଲା। ତାଙ୍କ ବାପା ରାଜକିଶୋର ସାହୁଙ୍କର ସେ ଗୋଟିଏ ପୁଅ ଏବଂ ତାଙ୍କର ବି ଜଣେ ଭଉଣୀ ଅଛନ୍ତି। ବାପାଙ୍କର ଦୀର୍ଘ ଦିନର ଜଳଖିଆ ଦୋକାନର ରୋଜଗାରରୁ ଘର ଚଳେ। କିନ୍ତୁ ମଦ ନିଶାରେ ରାଜୁ ସବୁକିଛି ଅଜାଡ଼ି ଦେଇ ଘରକୁ କିଛି ଯୋଗାନ୍ତି ନାହିଁ। ପରିବାରରେ ଅଭାବ ଅନଟନ କଳହ ଭିତରେ, ବାପାଙ୍କୁ କାମରେ ସାହାଯ୍ୟ କରି ନିକଟସ୍ଥ କଲେଜରେ ସ୍ନାତକ ପଢୁଥିବା ଶିବ ସବୁବେଳେ ମନସ୍ତାପରେ ରହୁଥିଲେ। ଆଜି ବାପାଙ୍କ ମଦ୍ୟପାନ ଦେଖି ନିଜ ମାନସିକ ଭାରସାମ୍ୟ ହାରାଇ ଦୋକାନ ଘର ଛେଣିରେ ରଷିଲଗାଇ ଝୁଲି ପଡ଼ିଲେ। ସମ୍ପର୍କୀୟ ଓ ଗ୍ରାମବାସୀ କେବଳ ନୁହଁନ୍ତି ଏହି ଘଟଣାଟି ଓଡ଼ିଶାର ଅଗଣିତ ବାପ-ମାଆଙ୍କ ପାଇଁ ଏକ ଆହ୍ୱାନ। ବିଶେଷକରି ନିଶାସେବନ, କଳହ, ଅଭାବ କିପରି ଏକ ପରିବାର ଉଜାଡ଼ି ଦିଏ କିପରି ଏକ ମେଧାବୀ ପିଲାର ସ୍ୱପ୍ନ ସବୁ ସରିଯାଏ କିପରି ଜଣେ ମାଆ ସହିପାରିବ, କିଏ ତା କୋଳ ଆଉ ଭରି ଦେଇପାରିବ ଏହି ଲେଖାଟି ଲେଖିଲା ବେଳକୁ ମନେ ପଡୁଛି ମୁଁ ଯେତେବେଳେ ଫୁଲ ଗୁନ୍ଥେ। ଭାବେ ଏହି ମାଳଟି କେବଳ ନାମକୁ ମାତ୍ର ଏକ ଫୁଲ ମାଳ ନୁହେଁ ଏହା ଭିତରେ ତ ସତରେ ରହିଛି ଅନେକ ଚେତନା, ଅନେକ ଭାବନା, ଅନେକ ସମ୍ଭାବନା, ଅନେକ ଜାଣିବାର ଜୀବନ ବିଦ୍ୟା, ଜୀବନ ସୂତ୍ର।

ଆମ ଜୀବନରେ ପ୍ରଥମେ ଆମ ସଂସାର, ଆମ ବନ୍ଧୁବର୍ଗ, ପଡ଼ା ପଡ଼ୋଶୀ ସମାଜ। ଏହି ସବୁକୁ ନେଇ ସୂତାଟି ଗୋଲ ହୋଇ ତିଆରି ହୋଇଛି ଯାହାର ସମର୍ପଣ ପ୍ରାପକ ହେଉଛନ୍ତି ଭଗବାନ। ଜୀବନରେ ନିଶ୍ଚିନ୍ତ ଭାବରେ ତାଳ ମେଳର ଅଭାବ ରହିବ, ଚାପ ରହିବ, ଜଣେ ଖୋଜିବ ଖୁସି, ଖୋଜିବ ନିଜ ଲୋକମାନେ ଯୋଡ଼ି ହୁଅନ୍ତୁ ତା ସହିତ, ତା ଭାବନା ସହିତ, ତା କୋହ ସହିତ କିନ୍ତୁ ଏ ସବୁ ଭିତରେ ଅଚାନକ ଝଡ଼ ପରି ଅନେକ ଆହ୍ୱାନ ଏହି ମାଳକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବା ପାଇଁ ଆସିଥାଏ। କିନ୍ତୁ ଏ ସ୍ଥାନରେ ଭଲ ପାଇବା, ଭାଇଚାରା, ମଣିଷ ପଣିଆ ବିଶ୍ୱ ଭ୍ରାତୃତ୍ୱ ଏହା ହିଁ ସବୁଠାରୁ ବଡ଼ ଜୀବନ ଚେତନା। ବଡ଼ ସମୟର ଆହ୍ୱାନ। ଜୀବନର ଅନ୍ୟ ଏକ ପାର୍ଶ୍ୱ ବି ଲେଖୁଛି। ଜଣେ ସନ୍ଧ୍ୟା ପୂର୍ବରୁ ଯଦି ଦୀପ ଲଗାଇ ଦିଏ ତେବେ ଘର ଅନ୍ଧାର ହୋଇନଥାଏ। ଏହା ପାଇଁ ନିର୍ଦ୍ଦିଷ୍ଟ ସମୟ ରହିଥାଏ। ତାହେଲେ କଣ କରିବା କିପରି ଗୋଟିଏ ସୂତାରେ ଗୋଟିଏ ପରିବାରକୁ ବାନ୍ଧି ପାରିବା, ଏହି ପରିବାରର ଖୁସି, ଆନନ୍ଦ, ସମର୍ପଣ ହିଁ ଭଗବାନଙ୍କ ଚରଣ ପ୍ରାପ୍ତି। ଶିବ ପରି ଅନେକ ପିଲାଙ୍କ ଜୀବନ ଅକାଳରେ ଚାଲି ଯାଉଛି ନିଜ କର୍ମର ନୁହେଁ ବରଂ କେଉଁଠି ପିତାର କର୍ମରୁ କେଉଁଠି ମାତର କର୍ମରୁ ମଧ୍ୟ। (କ୍ରମଶଃ)

କାହିଁକି ପିଲାମାନଙ୍କ ଭିତରେ ଭଲପାଇବା ବାନ୍ଧି ହୋଇପାରୁନି କାହିଁକି ପିଲାଟି ନିଶାଗ୍ରସ୍ତ ଭାବରେ, ସନ୍ତ୍ରସ୍ତ ଭାବରେ ବାପା ହେଉ ବା ମାଆ, କାହିଁକି ଏ ଦୃଶ୍ୟ ସେ ଦେଖିବ ସେ ସହିବ ଜୀବନର ଗାଡ଼ି ଚଳାଇବା ଭିତରେ ନିଜ ସହିତ ପିଲାମାନଙ୍କୁ ମଧ୍ୟ ସଂସ୍କାର ହେଉଛି ବଡ଼ ଉପହାର। ଗୁରୁଜନ ମାନଙ୍କ ପ୍ରତି ସମ୍ମାନବୋଧ ଠାରୁ ସାମାଜିକ ସେବା ସବୁକିଛିର ଶିକ୍ଷା ପିଲାଟି ପାଉ।

ପିଲାଟି ସତ କହିବା ହେଉ ବା ଅହିଂସାର ଭାବନା। ଘରୁ ଦେଖୁ, ତା ବାପା-ମାଆ ତା ପାଇଁ କେବଳ ଜନ୍ମଦାତା ଦାତ୍ରୀ ଭାବେ ନୁହଁନ୍ତି ତାର ପ୍ରଥମ ଓ ପରମ ବନ୍ଧୁ। ପିଲାମାନେ ବି ଦେଖନ୍ତୁ ଭାଇ ହେଉ ବା ଭଉଣୀ କିପରି ଅତୁଟ ବନ୍ଧନରେ ସମାଜର ସମୟର ଆହ୍ୱାନକୁ ସାମ୍ନା କରୁଛନ୍ତି ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି । ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ । ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର । କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି । ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ । ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ । ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର । ପିଲାମାନେ ପିଲାଟି ବେଳୁ ହିଁ ସଂସ୍କାର ପାଇଲେ ଶିଖିବେ ଜୀବନ ଆଗେଇ ନେବାର ନିଜକୁ ନିଜେ ଗଢ଼ିତୋଳିବାର ମହାନ ଶିକ୍ଷା। ଜୀବନର ଯେତେ ପରୀକ୍ଷା, ଝଡ଼, ଝଞ୍ଜା, ଆହ୍ୱାନ ଆସୁ ସବୁ କିଛିକୁ ସେ ସାମ୍ନା କରିପାରିବ। କେବଳ ନିଜକୁ ବା ପରିବାରକୁ ନୁହେଁ ସମାଜର ମହାନ ଉନ୍ନତିକଳ୍ପେ ନିଜକୁ ସାମିଲ କରିପାରିବ। ପଣ୍ଡିତ ଗୋପବନ୍ଧୁ ଦାସଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ଶିଶୁ ବଢ଼ି କ୍ରମେ ହୁଏ ଯୁବା ବୃଦ୍ଧ, ଚତୁର ପ୍ରବୀଣ ନର, ପ୍ରଭାତେ ଅରୁଣେ ଲୁଚି ରହିଥାଏ ମଧ୍ୟାହ୍ନ ତେଜ ପ୍ରଖର।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬
E-mail : nibeditabehera08021985@gmail.com\\\\'

# ଅଳିଆ ଗଦାରେ ପଡ଼ିଛି ମେହନତିଙ୍କ ସାମ୍ବିଧାନିକ ଅଧିକାର

**ଯୁଧିଷ୍ଠିର ମହାରଣା**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାମ। ଓଡ଼ିଶା ପୂର୍ବ ଭାରତର ବିକାଶର ମୁଖଶାଳା। ଏହିପରି ଅନେକ ମନକୁ ଛୁଇଁଲାପରି ପେଟ ପୁରି ଯାଉଥିବା ପରି କଥା ସବୁ ଶୁଣୁଛୁ। କିନ୍ତୁ ବାସ୍ତବ କଥା ହେଉଛି ବିକାଶର ଝଲକ, ଚାକଚକ୍ୟତାର ଦେଖାଣିଆ ବଡ଼ପଣ ଭିତରେ ସାମ୍ବିଧାନିକ ଅଧିକାର ଏକ ପ୍ରକାର ଧୂଳି ଚାଟୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଅହିଂସା ପ୍ରତିବାଦସ୍ୱରୂପ ଐତିହାସିକ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଗତ ଅଠର ମେ ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଦଶହଜାରରୁ ଉର୍ଦ୍ଧ୍ୱ ଆଉଟ ସୋର୍ସିଂ ଓ ଠିକା କର୍ମଚାରୀ ସେମାନଙ୍କର ଜୀବିକା ଓ ସମ୍ମାନ ରଖିବା ପାଇଁ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ଏହି ପ୍ରତିବାଦ କେବଳ ମଜୁରୀ ବଢ଼ାଇବା ପ୍ରସଙ୍ଗ ନୁହେଁ ଏହାର ପ୍ରାଥମିକତା ହେଉଛି ଶ୍ରମିକ ମାନଙ୍କୁ କେବଳ ୟୁଜ୍ ଆଣ୍ଡ ଥ୍ରୋ ପରି ଏକ ସାମଗ୍ରି ଭାବରେ ସେମାନଙ୍କୁ ବର୍ଷ ବର୍ଷ ଧରି ଖଟାଇ ଯେଉଁଭଳି ନ୍ୟାର୍ଯ୍ୟ ହକ୍ ପ୍ରାପ୍ୟରୁ ବଞ୍ଚିତ କରୁଛନ୍ତି ଏହା ମାନବିକତା ବିରୁଦ୍ଧ ନୁହେଁ କି ? ଏକ ପରିସଂଖ୍ୟାନର ତଥ୍ୟରୁ ଜାଣିବାକୁ ମିଳିଛି ଗତ ଦୁଇ ବର୍ଷ ଭିତରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟ ସେବା ଠାରୁ ବିଦ୍ୟୁତ, ନିର୍ମାଣ ଠାରୁ ଖଣି, ଇସ୍ପାତ ଠାରୁ ଯୋଗାଯୋଗ ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପନ୍ଦର ହଜାରରୁ ଉର୍ଦ୍ଧ୍ୱ ଏହି ମେହନତୀ ଶ୍ରମିକବର୍ଗ କର୍ମ ହରାଇଛନ୍ତି।

ବର୍ତ୍ତମାନ ଓଡ଼ିଶାରେ ବିଜୁଳିକୁ ନେଇ ହା ହାକାର ପରିସ୍ଥିତି, ଏପଟେ ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ନିଜ ବିଜ୍ଞାପନର ଢ଼ୋଲ ବାଡଉଛି କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଟାଟା ପାୱାର ଅଧୀନରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରି, ବିଦ୍ୟୁତ ବିଭାଗରେ ଭିତ୍ତିଭୂମିର ସଂପ୍ରସାରଣ ହେଉଥିଲେ ମଧ୍ୟ ବୈଷୟିକ ମାନବ ଶକ୍ତିର ବିରାଟ ହ୍ରାସ ଘଟିଛି ଯାହାର ଫଳ ସ୍ୱରୂପ ରାଜ୍ୟରେ ଜରୁରୀ କାଳୀନ ସେବା ଗୁଡ଼ିକ ଏକ ପ୍ରକାର ଠପ ହୋଇଯାଇଛି। ଓଡ଼ିଶାରେ ସରକାର ବଦଳିଲା ପରେ ବିଶେଷକରି ସମାଜର ତଳ ବର୍ଗର, ରାତି ପାହିଲେ ଝାଳ ବୁହାଇ ଦୁଇ ପଇସା ରୋଜଗାର କରୁଥିବା ମେହନତୀ ବର୍ଗର ଲୋକ ବରଂ ବେଶୀ ଶୋଷିତ, ଉପକ୍ଷେିତ ଓ ନିର୍ଯ୍ୟାତିତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ଓଡ଼ିଆ କୁଶଳୀ ଓ ସ୍ଥାନୀୟ ଶ୍ରମିକଙ୍କ ତୁଳନାରେ ବାହାର ଲୋକଙ୍କୁ ପ୍ରାଥମିକତା ଦିଆଯାଉଛି। ଦଶରୁ ପନ୍ଦର ବର୍ଷ ଧରି ଯେଉଁମାନେ ଦକ୍ଷ ଶ୍ରମିକ ଯୋଗ୍ୟ ହୋଇପାରିଥିଲେ ସେମାନେ ସ୍ଥାୟୀ ମାନ୍ୟତା ପାଇବା ବଦଳରେ ସେମାନଙ୍କ ଚାକିରୀ ଛୁଟି କରାଯାଉଛି। ଏହି ଆନ୍ଦୋଳନ ପାଇଁ ସହଯୋଗ, ସମର୍ଥନ ଯୋଗାଉଛନ୍ତି ସେହି ମେହନତି ଖଟିଖିଆଙ୍କ ସୁଖଦୁଃଖକୁ ଚିନ୍ତା କରୁଥିବା ଭାରତୀୟ ମଜଦୁର ସଂଘର ସଭାପତି ବାଦଲ କୁମାର ମହାରଣା, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ବରିଷ୍ଠ ଟ୍ରେଡ ୟୁନିୟନର ନେତା ଏ. ଶ୍ରୀନିବାସ ରାଓ, ଡାକ୍ତର ମହାନ୍ତ ଏବଂ ପାର୍ଥସାରଥୀ ମହାନ୍ତି ପ୍ରମୁଖ। ସେହିପରି ଏନଏଫଆଇଟିୟୁର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ ଏବଂ ଉପସଭାପତି ନୃସିଂହ ଚରଣ ମିଶ୍ର ଏବଂ ଫାର୍ମାସ୍ୟୁଟିକାଲ ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ପ୍ରତାପ ମିଶ୍ର ପ୍ରମୁଖ।

ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଶର ସମସ୍ତ ସରକାରଙ୍କୁ ଆଗାମୀ ତିନି ମାସ ମଧ୍ୟରେ ଆଉଟ ସୋର୍ସିଂ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ୍ଷେତ୍ରରେ ଓଡ଼ଶା ସରକାର ପ୍ରସଙ୍ଗକୁ ଆଖି ବୁଜି ଦେଇଥିବାବେଳେ ମାନ୍ୟବର ସୁପ୍ରିମ କୋର୍ଟ ତାଙ୍କ ଐତିହାସିକ ରାୟରେ ନିୟନ୍ତ୍ରିତ କରଣ ଅର୍ଥାତ୍ ସ୍ଥାୟୀ ମାନ୍ୟତା ପ୍ରଦାନ ନୀତିକୁ ସମର୍ଥନ କରିଛନ୍ତି। ସୂଚନାଥାଉକି, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଶ୍ରମିକ ମାନଙ୍କୁ ଏକ ଶକ୍ତିଶାଳୀ ତଥା ମଜଭୁତ ଆଇନଗତ ଅସ୍ତ୍ର ପ୍ରଦାନ କରିଛି। ମାନ୍ୟବର କୋର୍ଟ ଏହା ମଧ୍ୟ ସୁସ୍ପଷ୍ଟ କରିଛନ୍ତିଯେ ଦଶ ବର୍ଷା କିମ୍ବା ତା ଠାରୁ ଅଧିକ ସମୟପାଇଁ ଚୁକ୍ତି ଭିତ୍ତିକ କିମ୍ବା ଆଉଟ ସୋର୍ସିଂ ଆଧାରରେ କାର୍ଯ୍ୟ କରିଥିବା କର୍ମଚାରୀ ମାନଙ୍କୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିବା ଜରୁରୀ। ଏହି ରାୟ ସମ୍ବିଧାନର ଧାରା ୧୪ ଯାହାକି ସମାନତାର ଅଧିକାର ଏବଂ ଧାରା ୨୧ ଯାହାକି ବଞ୍ଚି ରହିବାର ଅଧିକାର ପରିସରଭୁକ୍ତ ଏହା ହିଁ ଶ୍ରମିକ ମାନଙ୍କ ସପକ୍ଷରେ ଯାଇଛି। ସମସ୍ତ ରାଜ୍ୟ ଓ ବିଭାଗକୁ ଯୋଗ୍ୟ ଶ୍ରମିକ ମାନଙ୍କୁ ଚିହ୍ନଟ କରି ତିନି ମାସ ମଧ୍ୟରେ ନିୟନ୍ତ୍ରିତକରଣ ପ୍ରକ୍ରିୟା ସମାପ୍ତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ଦୁନିଆରେ ଆପୋଷ ଆଲୋଚନାରେ ଅନେକ କିଛିର ସମାଧାନ ହୋଇଥାଏ, ବାଟ ମିଳିଥାଏ କିନ୍ତୁ ଦୁର୍ଭାଗ୍ୟର ବିଷୟ ସରକାର ଦମନର ଆଶ୍ରୟ ନେଉଛନ୍ତି। ଖର୍ଚ୍ଚକାଟ ନାମରେ ସମସ୍ତଙ୍କୁ ଏକ ପ୍ରକାର ଶୋଷଣ ଏବଂ ଛଟେଇ କରାଯାଉଛି। ଏନଏଫଆଇଟିୟୁର ମୂଳ ଲକ୍ଷ୍ୟ ହେଉଛି ଜାତୀୟ ସ୍ୱାର୍ଥ, ଶିଳ୍ପ ସ୍ୱାର୍ଥ ଓ ଶ୍ରମିକଙ୍କ ସ୍ୱାର୍ଥ। ଆମେ ସମସ୍ତେ ଭୁଲି ଯାଉଛେ ଶ୍ରମ ଶକ୍ତି ବା ମାନବ ସମ୍ବଳ ଯେକୌଣସି ଶିଳ୍ପର ସବୁଠାରୁ ବଡ଼ ସମ୍ପତ୍ତି। ସେମାନଙ୍କୁ ଅସୁରକ୍ଷିତ ରଖିବା ଅର୍ଥ ଜାତୀୟ ଅର୍ଥନୀତିକୁ ଦୁର୍ବଳ କରିବା। ଏ କ୍ଷେତ୍ରରେ ଓଡ଼ିଶା ସରକାର ଓ ଶ୍ରମିକ ପ୍ରତିନିଧିଙ୍କ କ୍ଷେତ୍ରରେ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିନା ସର୍ତ୍ତରେ ସମସ୍ତ ଛଟେଇ ହୋଇଥିବା ଶ୍ରମିକଙ୍କୁ ତୁରନ୍ତ କାର୍ଯ୍ୟ କ୍ଷେତ୍ରକୁ ଫେରାଇ ଅଣାଯାଉ। ସାମାଜିକ ସୁରକ୍ଷା ଭାବରେ ବୈଧାନିକ ମଜୁରୀ ସହିତ ଇପିଏଫ ଓ ଇଏସଆଇ ଭଳି ସୁବିଧା ସୁନିଶ୍ଚିତ କରିବା ଦରକାର। ଓଡ଼ିଶାରେ ପାରଦର୍ଶୀ ଶ୍ରମ ନୀତି ସ୍ଥାପିତ ହେବା ଦରକାର ଓ ସ୍ଥାନୀୟ ଯୁବକ ମାନଙ୍କୁ ପ୍ରାଥମିକତା ଦେଉଥିବା ନୀତି ବାସ୍ତବିକ ରୂପ ନେଉ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବେଶ ସ୍ପଷ୍ଟ ଅଭିଜ୍ଞତା ଓ ଦୀର୍ଘକାଳୀନ ସେବାକୁ ସମ୍ମାନ କରାଯିବା ସହ ଯଦି ସରକାର ବିକାଶକୁ ପ୍ରୋତ୍ସାହନ କରୁଥିବାର ଦାବୀ କରୁଛନ୍ତି ତେବେ ସେହି ବିକାଶରେ ଶ୍ରମିକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଗ୍ରହଣ କରାଯାଉ। ତୀବ୍ର ଖରାରେ, ଛଟେଇ ହୋଇ ଦାନା ପାଣି ନପାଇ ଭୁବନେଶ୍ୱରରେ ଦଶହଜାରରୁ ଉର୍ଦ୍ଧ୍ୱ ପରିବାର ରାସ୍ତାରେ ବସିଛନ୍ତି। ସରକାରଙ୍କ ଭିତରେ ଟିକିଏ ମାନବିକତା ଜାଗି ଉଠୁ, କାରଣ ଏ ସରକାର ବା 'ଲୋକଙ୍କ ସରକାର'। ଏହି ପ୍ରସଙ୍ଗରେ ଉଚ୍ଚସ୍ତରୀୟ ହସ୍ତକ୍ଷେପ ଜରୁରୀ ଏବଂ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏହି ବର୍ଗର ସମସ୍ୟା ସରକାର ଟିକିଏ ଶୁଣନ୍ତୁ।

ସାଧାରଣ ସମ୍ପାଦକ, ଏନଏଫଆଇଟିୟୁ, ଓଡ଼ିଶା, ଦୂରଭାଷ : ୯୪୩୭୧୬୩୫୨୮
E-mail : myudhishthir@rediffmail.com

# ବାମପନ୍ଥୀ ଆନ୍ଦୋଳନର ବାଧା ଜାତିବ୍ୟବସ୍ଥା

**ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ(ଅବସରପ୍ରାପ୍ତ)**

ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀମାନେ ରକ୍ଷଣଶୀଳ। ପ୍ରଚଳିତ ଧର୍ମ, ସଂସ୍କୃତି ଓ ପରମ୍ପରାର ସମର୍ଥକ। ଏମାନେ ପ୍ରାୟତଃ ପୁଞ୍ଜିବାଦୀ ଅର୍ଥନୀତିରେ ବିଶ୍ୱାସ କରନ୍ତି। ସମାଜିକ ଓ ଆର୍ଥିକ ଅସମାନତା ଇଶ୍ୱର ପ୍ରଦତ୍ତ। ଆର୍ଥିକ ସମାନତା ଏକ ଅସମ୍ଭବ ବ୍ୟାପାର। ସମାଜରେ ଉଚ୍‌ଚନୀଚ ସୋପାନ ରହିବ। ଇଶ୍ୱର ସତ୍ତାକୁ ସ୍ୱୀକାର କରିବାକୁ ପଡିବ। ଏମାନେ ପାଶ୍ଚାତ୍ୟ ଦେଶରେ ଚର୍ଚ୍ଚର ଆଧିପତ୍ୟକୁ ସ୍ୱୀକାର କରୁଥିଲେ। ଭାରତରେ ମନ୍ଦିର ଓ ମସଜିଦର ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି। ପ୍ରାୟତଃ ଦକ୍ଷିଣପନ୍ଥୀମାନେ ଭଗବାନ ବିଶ୍ୱାସୀ। ତାଙ୍କ ଇଚ୍‌ଛାମତେ ସବୁକିଛି ପରିଚାଳିତ। ଧର୍ମଶାସ୍ତ୍ରମାନଙ୍କରେ ଯାହା ସବୁ ବର୍ଣ୍ଣନା ହୋଇଛି ସେସବୁ ସତ୍ୟ। ଏମାନେ ବିଜ୍ଞାନ ଓ ବୈଜ୍ଞାନିକ ସିଦ୍ଧାନ୍ତକୁ ମାନିବାକୁ ଅନେକ ସମୟରେ କୁଣ୍ଠାବୋଧ କରନ୍ତି। ହେତୁବାଦ ଅନେକ ଧାର୍ମିକ କଥନକୁ ମିଥ୍ୟାବୋଲି ପ୍ରମାଣ କରୁଥିବା ଯୋଗୁଁ ଏହାକୁ ସେମାନେ ଘୋର ବିରୋଧ କରନ୍ତି। ଲୋକମାନଙ୍କ ଭିତରେ ଧର୍ମ ଓ ଇଶ୍ୱର ଭାବନା ପ୍ରସାର କରିବା ଏହିପ୍ରକାର ସରକାରର ଏକ ମୁଖ୍ୟ ଯୋଜନା। ଭାରତବର୍ଷରେ ରାମମନ୍ଦିର ଆନ୍‌ଦୋଳନ ଏହାର ଏକ ଉଦାହରଣ। ଭାରତରେ ଦକ୍ଷିଣପନ୍ଥୀ ସରକାର ଆସିଲାପରେ ଚାରିଆଡ଼ ? ମନ୍ଦିର ନିର୍ମାଣ କାର୍ଯ୍ୟ ବ୍ୟାପକଭାବେ ହେଉଛି। ଗାଁ ଗାଁରେ ମନ୍ଦିର ନିର୍ମାଣ ହେଉଛି। ଭଜନକୀର୍ତ୍ତନ, ଯଜ୍ଞପ୍ରବଚନ ଆଦି ବଢିବାରେ ଲାଗିଛି। ଯୁକ୍ତି ଓ ତଥ୍ୟଗତ ପ୍ରମାଣ ଅପ୍ରାସଙ୍ଗିକ ହୋଇଯାଉଛି। ଆସ୍ଥା ଓ ବିଶ୍ୱାସ ଏଗୁଡ଼ିକର ସ୍ଥାନ ନେଉଛି। ବିଶ୍ୱରେ ଦକ୍ଷିଣପନ୍ଥୀ ସଂଖ୍ୟାବହୁଳ ଧାର୍ମିକ ସରକାର ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବାର ଦେଖାଯାଏ। ଧାର୍ମିକ ବିବାଦ ଏହାର ବଡ ଦୁର୍ବଳତା। ନିଜ ଧର୍ମ ଶ୍ରେଷ୍ଠ ଓ ଅନ୍ୟଧର୍ମ ନିକୃଷ୍ଟ ଏହି ଧାରଣାର ବଶବର୍ତ୍ତୀ ଏମାନେ।

ପଶ୍ଚିମବଙ୍ଗ, ତ୍ରିପୁରା ଓ କେରଳ ସମେତ ସମଗ୍ର ଭାରତବର୍ଷରେ ବାମପନ୍ଥୀମାନଙ୍କ ପ୍ରତି ସମର୍ଥନ ହ୍ରାସ ପାଉଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଦେଶରେ ଦକ୍ଷିଣପନ୍ଥୀଙ୍କ ପ୍ରତି ସମର୍ଥନ ବଢୁଛି। ଏହାର ଅର୍ଥ କେବଳ ବାମପନ୍ଥୀ ଭୋଟ ଦକ୍ଷିଣପନ୍ଥୀ ଆଡକୁ ଯାଉଛି ତାହା ନୁହେଁ, ଏହା ସହିତ ବିଚାରର ମଧ୍ୟ ପରିବର୍ତ୍ତନ ହେଉଛି। ଅର୍ଥାତ୍ ବାମପନ୍ଥୀମାନେ କ୍ରମେ ଦକ୍ଷିଣପନ୍ଥୀ ହେଉଛନ୍ତି। ଏପ୍ରକାର ଆଦର୍ଶଗତ ପରିବର୍ତ୍ତନ ବିଜେପି ପାଇଁ ସୁଖକର ହୋଇପାରେ, କିନ୍ତୁ ବାମପନ୍ଥୀ ରାଜନୈତିକ ଦଳଗୁଡ଼ିକ ପାଇଁ ଚିନ୍ତାର ବିଷୟ ନିଶ୍ଚୟ। ବାମପନ୍ଥୀ ଦଳଗୁଡ଼ିକୁ ଆତ୍ମ ସମୀକ୍ଷା କରିବାକୁ ପଡ଼ିବ କାହିଁକି ତାଙ୍କ ପ୍ରତି ଜନସମର୍ଥନ ହ୍ରାସ ପାଉଛି। ବାମପନ୍ଥୀମାନେ ପ୍ରାୟତଃ ନାସ୍ତିକ କିମ୍ବା ଅର୍ଦ୍ଧନାସ୍ତିକ। ବିଜେପି ସମେତ ସମସ୍ତ ସହଯୋଗୀ ଦଳର ଲୋକମାନେ ଆସ୍ତିକ। ତେଣୁ ଗ୍ରହଣ କରିବାକୁ ପଡିବ ନାସ୍ତିକମାନେ କ୍ରମେ ଆସ୍ତିକ ହେଉଛନ୍ତି। ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନ ପରେ ଏଠାକାର ଜନତା ଟିଏମ୍‌ସି ଆଡକୁ ମୁହାଁଇ ଥିଲେ। ପୁଣି ଟିଏମ୍‌ସିର ୧୫ ବର୍ଷର ଶାସନ ପରେ ସେମାନେ ପୁଣି ବିଜେପି ଆଡକୁ ମୁହାଁଇଛନ୍ତି। ଅର୍ଥାତ୍ ବାମପନ୍ଥୀରୁ ଗତି ଦକ୍ଷିଣପନ୍ଥୀକୁ, ସାମ୍ୟବାଦରୁ ପୁଞ୍ଜିବାଦକୁ।

ଭରତବର୍ଷରେ ବାମପନ୍ଥୀ ଆନ୍‌ଦୋଳନ ନିମ୍ନଗାମୀ ହେବାର କାରଣ ହେଉଛି ଏମାନେ ଭାରତୀୟ ସାମାଜିକ ବିଷମତାକୁ ହଟାଇବା ଦିଗରେ ଉପାଦେୟ ପଦକ୍ଷେପ ନେଇ ନାହାଁନ୍ତି। ଏମାନେ ପାଶ୍ଚାତ୍ୟ ଆର୍ଥିକ ବିଷମତାର ବିଶ୍ଳେଷଣକୁ ଭାରତ ପାଇଁ ସଠିକ ବୋଲି ଧରି ନେଇଛନ୍ତି। ଆର୍ଥିକ ସମାନତା ଆସିଲେ ସାମାଜିକ ସମାନତା ଆସିବ, ତେଣୁ ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଲୋକଙ୍କ ଆର୍ଥିକ ବିକାଶ ଉପରେ ନିଜ କାର୍ଯ୍ୟକ୍ରମକୁ ସୀମିତ ରଖିଛନ୍ତି। ସମାଜିକ ଅସମାନତାର ଜଡ ଜାତିପ୍ରଥାକୁ ହଟାଇବାର ପାରଦର୍ଶି କାର୍ଯ୍ୟକ୍ରମ ଏମାନଙ୍କ ନୀତିରେ ନାହିଁ। ଏହାକୁ ଏକ ସମସ୍ୟାଭାବେ ଗ୍ରହଣ କରିବାକୁ ଏମାନେ ପ୍ରସ୍ତୁତ ନୁହଁନ୍ତି। ଏହାର କାରଣ ହେଉଛି ଦେଶରେ ବାମପନ୍ଥୀ ଆନ୍‌ଦୋଳନର ନେତୃତ୍ୱ ସେହି ତଥାକଥିତ ଅଗ୍ରସର ବର୍ଗଙ୍କ ହାତରେ ରହିଛି, ଯେଉଁମାନେ କଦାପି ଚାହାଁନ୍ତି ନାହିଁ ଜାତିବ୍ୟବସ୍ଥାର ସମାପ୍ତ ହେଉ। କିନ୍ତୁ ଏମାନେ ଶ୍ରମିକ ଓ ଦରିଦ୍ର ଲୋକଙ୍କୁ ନେଇ ସଂଗଠନ କରନ୍ତି ଯେଉଁମାନେ ପ୍ରାୟତଃ ସମାଜର ତଥାକଥିତ ତଳଜାତିର ଲୋକ। ତେଣୁ ଶୀର୍ଷନେତା ଓ ତଳକର୍ମୀଙ୍କ ମଧ୍ୟରେ ଭିନ୍ନ ସାମାଜିକ ଭାବନା ରହିଛି। କର୍ମୀମାନେ ଭାବୁଛନ୍ତି ଦକ୍ଷିଣପନ୍ଥୀ ନେତାମାନେ ଯେଉଁପରି ଉଚ୍‌ଚଜାତିବାଦୀ ଭାବନାର ଶୀକାର, ବାମପନ୍ଥୀ ନେତାମାନେ ମଧ୍ୟ ସେହିପରି ଉଚ୍‌ଚଜାତିବାଦୀ ଭାବନାରେ ବୁଡ଼ି ରହିଛନ୍ତି। ଖାଲି ଭାଷଣରେ ସମାନତା, କାମରେ ନୁହେଁ।

ଆଗକୁ ଭାରତୀୟ ବାମପନ୍ଥୀ ଆନ୍‌ଦୋଳନର କଠିନ ସମୟ ଆସୁଛି। ଅନ୍ୟ ଏକ ପନ୍ଥୀ ଦେଶରେ କ୍ଷୀପ୍ରଭାବେ ବିସ୍ତାରଲାଭ କରୁଛି, ତାହା ହେଉଛି ଭୀମପନ୍ଥୀ। ଏମାନେ ନା ବାମପନ୍ଥୀରେ ଯାଆନ୍ତି ନା ଦକ୍ଷିଣପନ୍ଥୀରେ ଯାଆନ୍ତି। ଏମାନେ ଆର୍ଥୀକ ସ୍ୱାବଲମ୍ବନଶୀଳ ହେବା ସହିତ ଜାତିବ୍ୟବସ୍ଥା ଓ ଧାର୍ମିକ ପାଖଣ୍ଡବାଦର ବିରୋଧୀ। ଏମାନେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଓ ମାର୍ଗକୁ ଅନୁସରଣ କରନ୍ତି। ବାମପନ୍ଥୀ ତୁଲ୍ୟ ଏମାନଙ୍କ ମଧ୍ୟ ଜନାଧାର ହେଉଛି ସମାଜର ତଳ ସ୍ତରର ଜାତିମାନେ, ଯେଉଁମାନେ ଜାତିବ୍ୟବସ୍ଥା ଦ୍ୱାରା ଅତ୍ୟାଚାରୀତ ଓ ଶୋଷିତ ହୋଇ ଆସିଛନ୍ତି। ତଫାତ ହେଉଛି ବାମପନ୍ଥୀ ଆନ୍‌ଦୋଳନର ନେତୃତ୍ୱ ତଥାକଥିତ ଉଚ୍‌ଚଜାତିମାନେ ନେଉଛନ୍ତି ଓ ଭୀମବାଦୀ ଆନ୍‌ଦୋଳନର ନେତୃତ୍ୱ ଏମାନେ ନିଜେ ନେଉଛନ୍ତି। ତେଣୁ ବାମପନ୍ଥୀ ଜନାଧାରା କ୍ରମେ ଏମାନଙ୍କ ଆଡକୁ ମୁହାଁଉଛି। ଏମାନେ ଯେତେ ବଢିବେ ବାମପନ୍ଥୀ ଆନ୍‌ଦୋଳନ ସେତେ ଦୁର୍ବଳ ହେବ। ଭାରତବର୍ଷର ପରିପ୍ରେକ୍ଷୀରେ ବାମପନ୍ଥୀମାନେ ଜାତିଗତ ଅସମାନତାର ସମାଧାନକୁ ଗୁରୁତ୍ୱ ନଦେବା ତାତ୍ତ୍ୱିକ ତ୍ରୁଟି ପରି ମନେହୁଏ। ଭାରତୀୟ ପୁଞ୍ଜିବାଦର ଶକ୍ତି ହେଉଛି ଜାତିବ୍ୟବସ୍ଥା। ଏହା କେବେବି ଶ୍ରମିକ-ଦରିଦ୍ର ଗୋଷ୍ଠୀକୁ ଏକତ୍ରୀତ ହେବାକୁ ଦେବନାହିଁ। ଜାତିବ୍ୟବସ୍ଥା ସର୍ବଦା ଏମାନଙ୍କୁ ଭାଗ ଭାଗ କରି ରଖିବ।

ବାମପନ୍ଥୀମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବପର ଯଦି ଏମାନେ ଉଭୟ ଆର୍ଥିକ ଓ ସାମାଜିକ ବିଷମତାକୁ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ନୂତନ ଜାତିରହିତ ପ୍ରଗତୀଶୀଳ ସମାଜର ପରିକଳ୍ପନା କରନ୍ତି। ଏଥିପାଇଁ ଏହାର ଶୀର୍ଷ ନେତୃତ୍ୱକୁ ଜାତି କବଳରୁ ମୁକୁଳିବାକୁ ପଡିବ। କର୍ମୀମାନଙ୍କୁ ଏଦିଗରେ ପ୍ରେରିତ କରିବାକୁ ହେବ। ଜାତିବାଦୀ ଖୋଳ ଭିତରେ ରହି ସାମ୍ୟବାଦୀ ଆନ୍‌ଦୋଳନ କରାଯାଇ ପାରିବ ନାହିଁ ବୋଲି ହୃଦବୋଧ କରାଇବାକୁ ହେବ। ଆଜିବି ଦେଶରେ ସାମ୍ୟବାଦୀ ଆନ୍‌ଦୋଳନର ପ୍ରାସଙ୍ଗିକତା ରହିଛି। ଏମାନେ ଜାତିବାଦୀ ବ୍ୟବସ୍ଥାରୁ ବାହାରି ଏକ ନୂତନ ଜାତିବିହୀନ, ବିଜ୍ଞାନସମ୍ମତ ଓ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠା ପାଇଁ ଆଗଭର ହେଲେ ପୁଣି ଆନ୍‌ଦୋଳନ ଆଗକୁ ବଢିପାରିବ। ଅନ୍ୟଥା ସାଧାରଣ ଜନତା ଜାତିବାଦୀ ବାମବାଦ ଛାଡି ଶୁଦ୍ଧ ଦକ୍ଷିଣବାଦ ଆଡ଼ ? ମୁହାଁଇବା ନିଶ୍ଚିତ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

# କୁନ୍ତଳା କୁମାରୀ ସାବତ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆଜି ଜୁଲାଇ ୧, ଆଜିର ଦିନକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। କାରଣ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ଏହା ପଛର କାରଣ ହେଉଛି ଆଜି ହେଉଛି ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କଙ୍କ ଜନ୍ମଦିନ, ସେ ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିଲେ ଓ ତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ଭାରତରେ ସର୍ବପ୍ରଥମେ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ଅନେକ ହୁଏତ ଜାଣିନଥିବେ କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି ନଥିଲେ। କବିତା ଲେଖିବା ସହିତ ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଡାକ୍ତର। ତତ୍କାଳୀନ ଓଡ଼ିଶାରେ ନାରୀ ଶିକ୍ଷା ଅତ୍ୟନ୍ତ କଷ୍ଟକର ଥିଲା ଓ ଅନେକ ଆହ୍ୱାନପୂର୍ଣ୍ଣ ମଧ୍ୟ ଥିଲା। ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆର୍ବିଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଳପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲିଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢୁଥିଲେ । ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ଼କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲିଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଚିକିତ୍ସକ ଦିବସ ଅବସରରେ ତାଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ପୂର୍ବତନ ଥାନା ଅଧିକାରିଙ୍କ ବିବାଦୀୟ ବକ୍ତବ୍ୟକୁ ନେଇ ବାଲିଗୁଡା ବୁଦ୍ଧିଯିବି ମହଲରେ ଅସନ୍ତୋଷ

କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନାର ପୂର୍ବତନ ଥାନା ଅଧିକାରୀ ଶିବ ରଞ୍ଜନ ସିଂଘା ଙ୍କ ବିବାଦୀୟ ବକ୍ତବ୍ୟ କୁ ନେଇ ବାଲିଗୁଡା ବୁଦ୍ଧିଯିବି ମହଲରେ ତିବ୍ର ଅସନ୍ତୋଷ ।ବାଲିଗୁଡାର ପୂର୍ବତନ ଥାନା ଅଧିକାରୀ ଶିବ ରଞ୍ଜନ ସିଘାଂ ଟିକାବାଲି ଠାରେ ପୋଲିସର ଏକ ନିଶା ନିବାରଣ ବୈଠକରେ ସର୍ବ ସମ୍ମୁଖରେ ମୁଁ ବାଲିଗୁଡା ଥାନାରେ କାଯ୍ୟରତ ଥିବା ସମୟରେ ବାଲିଗୁଡ଼ାର ପ୍ରତ୍ୟେକ ଘରେଘରେ ଗଞ୍ଜେଇ ବାହାରିବ ବୋଲି ବିବାଦୀୟ ବୟାନକୁ ନେଇ ବାଲିଗୁଡା ଜନସାଧାରଣ ,ବୁଦ୍ଧିଯିବି,ସମାଜସେବି ,ସାମ୍ବାଦିକ ଓ ବିଭିନ୍ନ ୟୁନିୟନ ପକ୍ଷରୁ ଅସନ୍ତୋଷ ଦେଖାଯାଇଛି। ସେଥିପାଇଁ କିଛି ସମାଜସେବୀ,ସଂଗଠନ ତରଫରୁ ପୂର୍ବତନ ଆଇଆଇସି ନାମରେ ଏତଲା ଦେବାକୁ ମଧ ସଜବାଜ ହେଉଥିବା



ଜଣାପଡିଛି ।ବର୍ତ୍ତମାନ ର ଟିକାବାଲି ଆଇଆଇସି ତଥା ପୂର୍ବତନ ବାଲିଗୁଡା ଥାନା ଅଧିକାରୀଙ୍କ ଏଭଳି ବିବାଦୀୟ ବକ୍ତବ୍ୟ କୁ ନେଇ ସାରା ବାଲିଗୁଡା ବାସୀଙ୍କୁ ବ୍ୟଥିତ ଏବଂ ମର୍ମାହତ କରିଛି ।ଏହି ବୟାନକୁ ନେଇ ବାଲିଗୁଡା ଜନସାଧାରଣ ଓ ବୁଦ୍ଧିଯିବି ମହଲରେ ତୀବ୍ର ନିନ୍ଦା କରାଯିବ ସହ ଆଇଆଇସି ନିଜ ଭୁଲକୁ ସଂଶୋଧନ କରି ବାଲିଗୁଡା ଜନସାଧାରଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରାଯାଇଛି ।ଆଇଆଇସିଙ୍କ ଏହି ବିଭ୍ରାନ୍ତକର ବୟାନ ଏବେ ସାରା କନ୍ଧମାଳ ଜିଲ୍ଲାରେ ସୋସିଆଲ ମିଡ଼ିଆରେ ଭାଯିରାଲ ହେବାରେ ଲାଗିଛି। ଆଇଆଇସିଙ୍କ ଏହି ଭାଇରାଲ ପୋଷ୍ଟ ବାଲିଗୁଡା ଜନସାଧାରଣ ଓ ବାଲିଗୁଡ଼ା ବାସୀ ଓଡିଶାରେ ନିନ୍ଦିତ ହୋଇଥିବା ଜଣାପଡ଼ିଛି । ଏଭଳି ଦାୟିତ୍ୱହୀନ ପୋଲିସ ଅଧିକାରୀଙ୍କ ବିରୋଧରେ ବାଲିଗୁଡା ବୁଦ୍ଧିଯିବି ମାନେ ଆଇନର ଆଶ୍ରୟ ନେବା ସହିତ ଜନସ୍ୱାର୍ଥ ମାମଲା ରୁଜୁ କରିବାକୁ ଚେତାବନୀ ଦେଇଛନ୍ତି ।ବାଲିଗୁଡ଼ା ଥାନା ଅଂଚଳରେ ପୂର୍ବତନ ଏସଡିପିଓ ବର୍ତ୍ତମାନ ର କନ୍ଧମାଳ ଏସପି ଆଇପିଏସ୍ ରାମେନ୍ଦ୍ର ପ୍ରସାଦ ଦୀର୍ଘ ଦିନ ବାଲିଗୁଡ଼ା ରେ ରହି ଏଠାକାର ଜନସାଧାରଣ, ବୁଦ୍ଧିଜୀବୀ, ସମାଜସେବୀ,ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହିତ ବାଲିଗୁଡା ଉପଖଣ୍ଡରେ ଅପରାଧ ଓ ଅପରାଧିଙ୍କୁ ସାବାଡ୍ କରି ଜନସାଧାରଣଙ୍କ ସହ ପ୍ରଶଂସନୀୟ ହୋଇ ପାରିଛନ୍ତି ।ବାଲିଗୁଡା କିଭଳି ଏକ ଭାଇଚାରା ର ସହର ଏଠି ଜାତି,ବର୍ଣ୍ଣ,ନିବିଶେଷରେ ସମସ୍ତେ ମିଳିମିଶି ଚଳନ୍ତି ।ଏହି ଭାଇଚାରାର ସହରରେ ରହୁଛନ୍ତି ବହୁ ପ୍ରତିଷ୍ଠିତ ବ୍ୟକ୍ତି, ରାଜନୈତିକ ନେତା, ଆଇନଜୀବୀ, ସମାଜସେବୀ ,ସ୍ୱେଚ୍ଛାସେବୀ ।ପୂର୍ବତନ ବାଲିଗୁଡା ଥାନା ଅଧିକାରୀ ଓ ବର୍ତ୍ତମାନର ଟିକାବାଲି ଆଇଆଇସି କହି ପାରିବେକି ବାଲିଗୁଡା ର କେଉଁ କେଉଁ ବ୍ୟକ୍ତି ଙ୍କ ଘରୁ ଘରୁ କେତେ ଗଞ୍ଜେଇ ଧରିଛନ୍ତି ଓ କେତେଜଣଙ୍କ ନାମରେ କେସ ରୁଜୁ କରିଛନ୍ତି ବୋଲି ପ୍ରଶ୍ନ ପଚାରିଛନ୍ତି ସମାଜସେବୀ ଓ ବୁଦ୍ଧିଜୀବୀ । ବାଲିମାଫିଆ ଓ ବିଭିନ୍ନ ଅନୈତିକ ବେଆଇନ୍ କାଯ୍ୟକଳାପରେ ଲିପ୍ତ ଥିବା ଲୋକଙ୍କ ଠାରୁ ପୂର୍ବତନ ବାଲିଗୁଡା ଥାନା ଅଧିକାରୀ ସିଂଘା ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିଲେ ବୋଲି ସେ ମାତ୍ର ଛଅ ମାସରୁ ଅଧିକ ଦିନ ବାଲିଗୁଡ଼ା ଥାନାରେ ତିଷ୍ଟି ପାରିଲେ ନାହିଁ ବୋଲି ଲୋକେ ଆଲୋଚନା କରୁଛନ୍ତି ।ସେଥିପାଇଁ କମ ମାସ ଭିତରେ ବାଲିଗୁଡା ଥାନାରୁ ବିତାଡ଼ିତ ହୋଇଥିଲେ ବୋଲି ଯାହା ସୂଚନା ମିଳୁଛି । ଏଭଳି ଦାଇତ୍ୱହିନ ପୋଲିସ ଅଧିକାରୀ ବାଲିଗୁଡ଼ା ଜନସାଧାରଣଙ୍କ ଉପରେ ସର୍ବ ସମ୍ମୁଖରେ ବିବାଦୀୟ ବୟାନ ରଖିବା କେତେ ଦୁର ଠିକ୍ ତାହା ଉପରେ ଉଠିଛି ପ୍ରଶ୍ନ ।ଟିକାବାଲି ଆଇଆଇସିଙ୍କ ଏଭଳି ବିବାଦୀୟ ବୟାନ ପରେ ବାଲିଗୁଡା ପୂର୍ବତନ ଏସଡିପିଓ ବର୍ତ୍ତମାନ ର କନ୍ଧମାଳ ଏସପି ଉକ୍ତ ଆଇଆଇସିଙ୍କ ବିରୋଧରେ କଣ କାଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକିରହିଲା ।

## ସାମାଜିକ ବାସନ୍ଦ, ଶବ ପଡ଼ି ରହିଲା ୧୦ ଘଣ୍ଟା - ଚାରି କାନ୍ଧ ଦେଲେ ସାମାଜିକ କର୍ମୀ

ପାଟଣାଗଡ, ( ମହାଭାରତ ) : ମଣିଷ ନିଜକୁ ସବୁବେଳେ ଶ୍ରେଷ୍ଠ ଜୀବ ଭାବେ ପରିଗଣିତ କରୁଛି। ମଣିଷ ସମାଜ ଆଜି ଚନ୍ଦ୍ର ପୃଷ୍ଠରେ ବସବାସ କରିବା ପାଇଁ ଯୋଜନା କରୁଥିବା ବେଳେ ଆଜିବି ଆଧୁନିକ ଭାରତରେ ସାମାଜିକ କଟକଣା ମଣିଷକୁ ବାନ୍ଧି ରଖିଛି। ଜାତି ପ୍ରଥା ଏକ ବ୍ୟାଧି ରୂପ ନେବାକୁ ବସିଛି। ଅନ୍ୟ ଜାତିର ପୁଅ ଝିଅ ବାହା ହେଲେ ସେମାନଙ୍କୁ ସାମାଜିକ ବାସନ୍ଦ କରିବା ଆଜିବି ବଞ୍ଚି ରହିଛି। ଜାତି ପ୍ରଥାରୁ କେବେ ମୁକୁଳିବ ମଣିଷ ସମାଜ। ଆଜି ଏଭଳି ଏକ ହୃଦୟ ବିଦାରକ ଅଭାବନୀୟ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତ ତୁଳସୀଡୁଙ୍ଗୁରି ଗ୍ରାମରେ। ଗ୍ରାମର ଅର୍ଜୁନ ବନଗୁଲାଙ୍କ ରାତିରେ ମୃତ୍ୟୁ ହୋଇଛି। ମୃତ୍ୟୁ ସମୟରୁ ୧୦ ଘଣ୍ଟା ପଡ଼ି ରହିଲା ଶବ। ଶବକୁ ଛୁଇଁବାକୁ, ଶବ ସତ୍କାର କରିବାକୁ, ଚାରି କାନ୍ଧ ଦେବାକୁ ଘର ଲୋକେ, ଜାତି ଭାଇ, ଗ୍ରାମବାସୀ କେହି ଆସିଲେ ନାହିଁ କାରଣ ଅର୍ଜୁନ ବନଗୁଲା ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ। ଅର୍ଜୁନଙ୍କୁ ବିବାହ ଦିନ ଠାରୁ ସମାଜ ଲୋକେ ଆଜୀବନ ସାମାଜିକ ବାସନ୍ଦ କରିଥିଲେ। ସାମାଜିକ ବାସନ୍ଦ ଶବକୁ ଯିଏ ଛୁଇଁବ, ଯିଏ ଶବ ସତ୍କାର କରିବ ତାକୁ ମଧ ସାମାଜିକ ବାସନ୍ଦ କରିବା ସମାଜରେ ଆଜି ଭି ରୀତି ରିବାଜ ଲାଗି ରହିଛି। ସାମାଜିକ ବାସନ୍ଦ କାରଣରୁ ବଡ଼ ଝିଅ ନିଜ ଜାତିରେ ବିବାହ ହୋଇ ନପାରି ଉତ୍ତରପ୍ରଦେଶରେ ବିବାହ କରିଛି। ଘରେ ସ୍ତ୍ରୀ ରମ୍ଭା ବନଗୁଲା ଏବଂ ପୁଅ ସମାରୁ ବନଗୁଲା ମଧ ଏହି କଟକଣା ରୁ ବଞ୍ଚିତ ହୋଇ ପାରି ନାହାନ୍ତି ଏମାନଂକୁ ମଧ ସମାଜ ବାସନ୍ଦ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସାମାଜିକ କର୍ମୀ ଆଦିବାସୀ ନେତା ଗିରିରାଜ ଭୋଇ, ମାନବାଧିକାର କର୍ମୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ପୁରୋହିତ, ବରିଷ୍ଠ ଓକିଲ ରାଣା ପଧାନ ଏଂବ ଦିଲ୍ଲିପ କୁମୁରା ଗାଁ କୁ ଯାଇ ଶବକୁ ସସମ୍ମାନେ ଚାରି କାନ୍ଧ ଦେଇ ଦୁଇ କିଲୋମିଟର ଦୂରରେ ଥିବା ସଂରକ୍ଷିତ ଜଙ୍ଗଲକୁ ନେଇ ଶବ ସତ୍କାର କରିଛନ୍ତି। ସାମାଜିକ କର୍ମୀ ମାନଙ୍କ ଏଭଳି ମହତ କାର୍ଯ୍ୟକୁ ଅଞ୍ଚଳରେ ବହୁତ ପ୍ରଶଂସା କରୁଥିବା ବେଳେ କୁତ୍ସିତ ପରମ୍ପରାକୁ ବୁଦ୍ଧିଜୀବି ମହଲରେ ଘୋର ନିନ୍ଦା କରା ଯାଉଛି।

## ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ ପଲ୍ସ ପୋଲିଓ ଅଭିଯାନ

ପାରାଦୀପ, (ମହାଭାରତ) : ଏଏମ୍/ଏନ୍ଏସ୍/ପୋର୍ଟସ୍ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ପାରାଦ୍ୱୀପର ପ୍ରତ୍ୟେକ ଲୋକଙ୍କ ପାଖରେ ଜୀବନରକ୍ଷାକାରୀ ପୋଲିଓ ଟିକା ପହଞ୍ଚିବା ସୁନିଶ୍ଚିତ କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି। ୨୮ ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ୍ର ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ ?ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ହସ୍ପିଟାଲ, ଶିକ୍ଷାଞ୍ଚଳ, ମତ୍ସ୍ୟଜୀବୀ ବସ୍ତି, ସ୍ଲମ୍ ଅଞ୍ଚଳ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବସ୍ ଟର୍ମିନାଲ୍ ଓ ରେଳ ଷ୍ଟେସନ୍ ଭଳି ଜନଗହଳିପୂର୍ଣ୍ଣ ଗମନାଗମନ ସ୍ଥଳଗୁଡ଼ିକୁ ସାମିଲ କରାଯାଇଥିଲା। ଏହି ଟୀକାକରଣ




କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ତିନି ଦିନିଆ ଯୋଜନା ଅନୁଯାୟୀ ପରିଚାଳିତ ହୋଇଥିଲା, ଯେଉଁଥିରେ ପ୍ରଥମ ଦିନ ବୁଥ୍ ଜରିଆରେ, ଦ୍ୱିତୀୟ ଦିନ ଘରକୁ ଘର ବୁଲି ଏବଂ ଶେଷ ଦିନରେ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଚୂଡ଼ାନ୍ତ ତଦାରଖ କରାଯାଇଥିଲା।

ପାରାଦୀପର ବିଜୟଚନ୍ଦ୍ରପୁର, ଶଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦ୍ୱୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ସହାୟକ ନର୍ସ ମିଡଓ୍ୱାଇଫ୍ (ଏଏନ୍ଏମ୍), ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍ଏସ୍ ପୋର୍ଟସ୍ର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ଏଏମ୍/ଏନ୍ ?ଏସ୍ ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାନ୍ ?ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କନଭେୟର ବେଲ୍ଟ ଲାଇନ୍ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପଲ୍ସ ପୋଲିଓ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ଯାହା ଅଭିଯାନର ପରିସର ଓ ପ୍ରଭାବକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିଥିଲା। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଏଡିଏମ୍ ?ଓ) ଡା. ବସନ୍ତ କୁମାର ବାରିକ ଏବଂ ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ ?ସି)ର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ। ସେମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ପାରାଦ୍ୱୀପର ପ୍ରତ୍ୟେକ ଶିଶୁ ପୋଲିଓ ଟିକାକରଣର ସୁରକ୍ଷା କବଚ ପ୍ରଦାନ କରିବା ସୁନିଶ୍ଚିତ କରିଥିଲା।

ଏହି ପଦକ୍ଷେପ ସମୁଦାୟର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଏକ ପୋଲିଓ ମୁକ୍ତ ଭବିଷ୍ୟତ ପାଇଁ ସରକାରୀ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

## କୋରାପୁଟ ସାଂସଦଙ୍କ ଲକ୍ଷ୍ମୀପୂର ପ୍ରତିନିଧି ଭାବେ ଜିତେନ୍ଦ୍ର ବିଶଇଙ୍କୁ ଦାୟିତ୍ୱ

ଲକ୍ଷ୍ମୀପୂର,(ମହାଭାରତ) : କୋରାପୁଟ ଲୋକସଭା ଆସନର ସାଂସଦ ଶ୍ରୀ ସପ୍ତଗିରି ଉଲାକା ଲକ୍ଷ୍ମୀପୂର ବ୍ଲକ ପାଇଁ ନିଜର ପ୍ରତିନିଧି ଭାବେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜିତେନ୍ଦ୍ର ବିଶଇଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ପ୍ରକାଶ ପାଇବା ପରେ ଲକ୍ଷ୍ମୀପୂର ଅଞ୍ଚଳରେ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି ।



ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଲୋକସଭା ନିର୍ବାଚନ ପରେ ସାଂସଦ ଶ୍ରୀ ଉଲାକା ଲକ୍ଷ୍ମୀପୂର ପାଇଁ ବରିଷ୍ଠ ନେତା ଶ୍ରୀ କୈଳାସ ଖୋସ୍ଲାଙ୍କୁ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ଖୋସ୍ଲାଙ୍କୁ ଦଳ ପକ୍ଷରୁ ଲକ୍ଷ୍ମୀପୂର ବ୍ଲକ ସଭାପତି ଭାବେ ନୂତନ ଦାୟିତ୍ୱ ଦିଆଯାଇଥିବାରୁ ସାଂସଦଙ୍କ ପ୍ରତିନିଧି ପଦ ପାଇଁ ଶ୍ରୀ ଜିତେନ୍ଦ୍ର ବିଶଇଙ୍କୁ ମନୋନୀତ କରାଯାଇଛି। ଦୀର୍ଘଦିନ ଧରି ସଂଗଠନରେ ସକ୍ରିୟ ଥିବା ଶ୍ରୀ ବିଶଇ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିବା ସହ ଲକ୍ଷ୍ମୀପୂର ବ୍ଲକର ଉପସଭାପତି ଭାବେ ମଧ ଅନେକ ବର୍ଷ ଦାୟିତ୍ୱ ତୁଲାଇଛନ୍ତି। ଜନସାଧାରଣଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ, ସାଂଗଠନିକ ଦକ୍ଷତା ଓ ଜନସେବା ପ୍ରତି ନିଷ୍ଠାକୁ ବିଚାର କରି ସାଂସଦ ତାଙ୍କ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରିଥିବା ଚର୍ଚ୍ଚା ହେଉଛି ଦାୟିତ୍ୱ ପାଇବା ପରେ ଶ୍ରୀ ଜିତେନ୍ଦ୍ର ବିଶଇ ସାଂସଦ ଶ୍ରୀ ସପ୍ତଗିରି ଉଲାକାଙ୍କୁ ହୃଦୟର ସହିତ କୃତଜ୍ଞତା ଜଣାଇ କହିଛନ୍ତି ଯେ, "ମୋ ଉପରେ ରଖାଯାଇଥିବା ଭରସାକୁ ମୁଁ ସମ୍ମାନର ସହ ରକ୍ଷା କରିବି। ଲକ୍ଷ୍ମୀପୂର ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ସେବାରେ ନିଷ୍ଠାର ସହ କାର୍ଯ୍ୟ କରିବି ଏବଂ ସାଂସଦଙ୍କ ବିକାଶମୂଳକ ଚିନ୍ତାଧାରାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସଦା ପ୍ରୟାସ କରିବି।" ଏହି ନିଯୁକ୍ତି ଖବର ପ୍ରଚାର ପରେ ଲକ୍ଷ୍ମୀପୂର ବ୍ଲକର ବିଭିନ୍ନ ଅଞ୍ଚଳରେ ଶ୍ରୀ ବିଶଇଙ୍କ ସମର୍ଥକ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଛି। ଅନେକେ ଏହି ନିଷ୍ପତ୍ତିକୁ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଲକ୍ଷ୍ମୀପୂରର ବିକାଶମୂଳକ କାର୍ଯ୍ୟକୁ ଗତିଶୀଳ କରିବ ବୋଲି ମତ ପ୍ରକାଶ କରିଛନ୍ତି। ଓ ଅଭିନନ୍ଦନ ସହିତ ଶୁଭେଚ୍ଛାର ଛୁଟାଉଛନ୍ତି।

## ରାଇଘର ମୁଖ୍ୟ ରାସ୍ତାରେ ଥିବା ତିନୋଟି ଦୋକାନରେ ଚୋରି

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ମୁଖ୍ୟ ରାସ୍ତାରେ ଥିବା ତିନୋଟି ଦୋକାନରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ଜଣାପଡ଼ିଛି। ରାଇଘର ମୁଖ୍ୟରାସ୍ତା ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ୍ ନିକଟସ୍ଥ ଦୀପକ ମେସିନାରୀ ଦୋକାନ ରୁ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ଓ ଅମରେନ୍ଦ୍ର ମେଡିକାଲ ଷ୍ଟୋର ରୁ ବତିଶି ହଜାର ଟଙ୍କା ଚୋରି ହେଉଥିବା ବେଳେ କାଲାଚାନ୍ଦ ରାୟ ର ଗୋଦାମ ର ପଛପଟୁ ସେଟର ଭାଙ୍ଗି କିଛି ନେଇ ଥିବା ବେଳେ ଅନ୍ୟାନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଦୁର୍ବୃତ୍ତମାନେ ଦୋକାନର ତାଲା ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଫେରାର ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପୋଲିସରେ ଅଭିଯୋଗ ଦାଖଲ ହୋଇଛି। ଘଟଣା ସକାଳେ ଜଣାପଡ଼ିବା ପରେ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଛି। ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୋଷୀମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବାପାଇଁ ବ୍ୟବସାୟୀମାନେ ରାତ୍ରି ସମୟରେ ପୋଲିସ ପେଟ୍ରୋଲିଙ୍ଗ ବଢ଼ାଇବା ସହ ଦୋଷୀଙ୍କୁ ଚିହ୍ନଟ କରି ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି।


## ସ୍ୱର୍ଗୀୟ ମହନ୍ତ ଅଧିକାରୀ ପ୍ରଭାକର ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ



ପାରାଦ୍ୱୀପ, (ମହାଭାରତ) : ଏରସମା ବ୍ଲକ ଅନ୍ତର୍ଗତ କୋଠି ମୌଜାସ୍ଥ ଐତିହାସିକ ବୀରାମଠରେ ସ୍ୱର୍ଗୀୟ ମହନ୍ତ ଅଧିକାରୀ ପ୍ରଭାକର ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ ଗୁରୁବାର ଦିନ ପାଳିତ ହୋଇଯାଇଛି। ଗତ ଜୁନ ୧୮ ତାରିଖରେ ଅଧିକାରୀ ପ୍ରଭାକର ଦାସଙ୍କ ମହାପ୍ରୟାଣ ହୋଇଯାଇଥିଲା। ସମସ୍ତ ବିଧିବ୍ୟବସ୍ଥା ମଧ୍ୟରେ କୋଠି ଗ୍ରାମବାସୀଙ୍କ ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥମାନଙ୍କ ମଧ୍ୟରେ ବଡ଼ମଠ ମହନ୍ତ ମଧୁସୂଦନ ଦାସ, ବସନ୍ତପୁର ମହନ୍ତ ମଦନ ମୋହନ ଦାସ, ତୀର୍ଥମଠ ମହନ୍ତ ଦିବ୍ୟକୃଷ୍ଣ ଦାସ, ରଙ୍ଗିଆଗଡ଼ ଅଧିକାରୀ ପ୍ରସନ୍ନାନନ୍ଦ ଦାସ, ସୋନୀଲୋ ଅଧିକାରୀ ମଦନ ମୋହନ ଦାସ, ଟେରମାଣପୁର ଅଧିକାରୀ ରମାକାନ୍ତ ଦାସ,କୁଜଙ୍ଗ ବାବାଜୀ ପୁରସ୍ତମ ଦାସ,ସନ୍ଥ ସୀତାରାମ ଦାସ ମହାରାଜ,ବାବାଜୀ ହରି ଅନନ୍ତ ଦାସ, ସ୍ୱାମୀ ପ୍ରେମାନନ୍ଦ ଜୀ,ଭୋଳା ବାବା, ସୁର ବାବା ମିହିର ବାବା ପ୍ରମୁଖଙ୍କ ସହିତ ଶ୍ରଦ୍ଧାଳୁ ସର୍ବଶ୍ରୀ ସୁଶାନ୍ତ ଶେଖର ସ୍ୱାଇଁ, ବୈରାଗୀ ବାରିକ, ସୁରେନ୍ଦ୍ର ସ୍ୱାଇଁ,ଶରତ ସ୍ୱାଇଁ, ଜିତେନ୍ଦ୍ର ଦାଶ, ଅଜିତ ନାୟକ,ମହେଶ୍ୱର ସ୍ୱାଇଁ,ସରୋଜ ଜେନା, ବାବାଜୀ ସ୍ୱାଇଁ, ମହାଦେବ ବିଶ୍ୱାଳ,ସୌଭାଗ୍ୟ ସ୍ୱାଇଁ,ଅଭିନ୍ନ ନାୟକ ପ୍ରମୁଖ ସମାଧି ପ୍ରତିଷ୍ଠା ମହୋତ୍ସବରେ ଯୋଗଦେଇଥିଲେ। ଅଧିକାରୀଙ୍କର ସମସ୍ତ ଶୁଦ୍ଧିକ୍ରିୟାକର୍ମ ବ୍ରହ୍ମଚାରୀ ପ୍ରଶାନ୍ତ କୁମାରଙ୍କ ଦ୍ୱାରା ସମାପିତ ହେବା ସହିତ ନାମ ସଂକିର୍ତ୍ତନ,ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫ୍ରେଣ୍ଡଲି ଯୋଗ କ୍ଲବ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ପାରାଦୀପ, (ମହାଭାରତ) : ଫ୍ରେଣ୍ଡଲି ଯୋଗ କ୍ଲବ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାରାଦୀପ ସ୍ଥିତ କପିଳମୁନି ଆଶ୍ରମ ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଯୋଗଗୁରୁ ବିଭୂତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ ର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ




ଏକ ଭାଇଚାରା ସମ୍ପର୍କ ସୃଷ୍ଟି କରିବା ସହ ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି କରିଥିଲା । ଏହି ଅବସରରେ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇ ସାଧୁ ଯୋଗ ପରିବାରର ସମସ୍ତ ସଦସ୍ୟ ମାନଙ୍କୁ ଆଶୀର୍ବାଦ କରିବା ସହ କ୍ଲବ ର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଫ୍ରେଣ୍ଡଲି ଯୋଗ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଘୁଗୁଡ଼ିପଡ଼ା ପିଇଓ ବିବାଦର ଅନ୍ତ: ସୁନୀତାଙ୍କ ବଦଳି, ସୁଶାନ୍ତ ନୂତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ଗ୍ରାମପଞ୍ଚାୟତରେ ନବନିଯୁକ୍ତ ପିଇଓ ସୁନୀତା ପ୍ରଧାନଙ୍କ ନିଯୁକ୍ତିକୁ ନେଇ ଚାଲିଥିବା ବିବାଦର ଅନ୍ତ ଘଟିଛି। ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୁଧବାର ଦିନ ଏକ ସରକାରୀ ନିର୍ଦ୍ଦେଶନାମା ୨୬୬୨, ତା- ୦୧/୦୭/୨୦୨୬ ଜାରି କରି ସୁନୀତା ପ୍ରଧାନଙ୍କୁ ଘୁଗୁଡ଼ିପଡ଼ାରୁ ଖମାରସାହି ଗ୍ରାମପଞ୍ଚାୟତକୁ ବଦଳି କରିଛନ୍ତି। ସେହିପରି ଘୁଗୁଡ଼ିପଡ଼ା ଗ୍ରାମପଞ୍ଚାୟତର ନୂତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଭାବେ ସୁଶାନ୍ତ କୁମାର ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ସୁବାଷ ଚନ୍ଦ୍ର କହଁରଙ୍କୁ ସିମିଳିସାହି ପଞ୍ଚାୟତରେ ଅବସ୍ଥାପିତ କରାଯାଇଛି । ସୂଚନାଯୋଗ୍ୟ ଯେ, ସୁନୀତା ପ୍ରଧାନଙ୍କ ନିଯୁକ୍ତିକୁ ବିରୋଧ କରି ଘୁଗୁଡ଼ିପଡ଼ା ସରପଞ୍ଚ ରମେଶ ସାହୁ ଓ ଅନ୍ୟ ଜନପ୍ରତିନିଧିମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏହି ଆନ୍ଦୋଳନକୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

## ଥୁଆମୂଳ ରାମପୁର ସେକସନ ଦକ୍ଷିଣ ବନାଞ୍ଚଳ ପକ୍ଷରୁ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳିତ

ଥୁଆମୂଳ ରାମପୁର, (ମହାଭାରତ) : ଥୁଆମୂଳ ରାମପୁର ର ହେଲୋ ପଏଣ୍ଟ ଠାରେ ଆଜି ବନମହୋତ୍ସବ ଓ ବନୀକରଣ ଥୁଆମୂଳ ରାମପୁର କୋର୍ଟ ଆଇନ ସେବା ସମିତି ଓ ବନ ବିଭାଗ ର ମିଳିତ ଅନୁକୂଲ୍ୟ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଓଡିଶା ସରକାର ଙ୍କ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେଡେପୁଟି ବନାଞ୍ଚଳ ଅଧିକାରୀ ତ୍ରିନାଥ ସେଠି ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଥୁଆମୂଳ ରାମପୁର ଆଇନ ସେବା ସମିତି ର ଅଧକ୍ଷ ତଥା ଜେ ଏମ ଏଫ ସି ଡ଼ଃ ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମା ମାଣିକେଶ୍ୱରୀ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ସତ୍ୟନାରାୟଣ ମୁଣ୍ଡଛିନ୍ନଛ, ଓକିଲ ସଂଘ ସଭାପତି ଶ୍ରୀ ମନୋରଞ୍ଜନ ନାଏକ, ସମ୍ପାଦକ ଶ୍ରୀ ଦିଲ୍ଲିପ କୁମାର ନାଏକ, ସ୍ଥାନୀୟ ସହକାରୀ ତହସିଲଦାର ତପନ କୁମାର ପତି ସରକାରୀ ଓକିଲ ସୁଧାଂଶୁ ନାଏକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ବନ ବିଭାଗ ର ରେଞ୍ଜର, ଫରେଷ୍ଟର,ଏକାଦଶୀ ନାଏକ ଫୋରେଷ୍ଟ ଗାର୍ଡ ସୁଧାଂଶୁ ଶେଖର ସାହୁ ବନ ବିଭାଗର ଅନ୍ୟାନ୍ୟ ସଦସ୍ୟ ତଥା କୋର୍ଟ ପ୍ରଶାସନିକ ଅଧିକାରୀ ଶ୍ରୀ ଅଶୋକ କୁମାର ସାହୁ, ଆଇନ ସେବା ସମିତି ର ସହଯୋଗୀ ଜିମି ବେହେରା, ଅଜିତ ନେଗୀ, ସ୍ଥାନୀୟ ପୋଲିସ କର୍ମଚାରୀ ଓ ଆଇ.ଆର .ବି. ସଦସ୍ୟ ମାନେ ମିଳିତ ଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମ କୁ ଭଲ ଭାବରେ ସମ୍ପାଦନା କରିଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ସଂସ୍କୃତି ପରିଷଦ ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜଙ୍କ ପୌରହିତ୍ୟରେ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ



ଆସିଥିବା ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାହିତ୍ୟ ସମ୍ପର୍କିତ ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଏବଂ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଆଚାର୍ଯ୍ୟ ଶ୍ରୀ ବିନୋଦ ଚନ୍ଦ୍ର ଜେନା, ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ଶ୍ରୀ ହୃଷୀକେଶ ଗୌଡ଼, ଶ୍ରୀମତୀ ଆଶାଲତା ପାଣିଗ୍ରାହୀ, ଡ଼ଃ କଲ୍ୟାଣୀ ମିଶ୍ର, ଡ଼ଃ ଚାରୁପ୍ରଭା ନାୟକ, ଶଶୀଭୂଷଣ ପଟ୍ଟନାୟକ, ହରପ୍ରସାଦ ସୁଆର, ପ୍ରମୋଦ ଚନ୍ଦ୍ର ପାଢ଼ୀ,ସୁଶ୍ରୀ ଶ୍ୱେତା ପଟ୍ଟନାୟକ ଓ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ କୃତୀ ଛାତ୍ରଛାତ୍ରୀ,ବିଚାରକ ମଣ୍ଡଳୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



# ଶ୍ରୀଅଲାରନାଥଙ୍କ ପୁନଃ ପ୍ରଚଳନ ହେଲା ବଡ ସିଂହାର ବେଶ

## ଖୁସି ବ୍ୟକ୍ତ କଲେ ସେବାୟତ ଓ ଶ୍ରଦ୍ଧାଳୁ



ବ୍ରହ୍ମଗିରି/ପୁରୀ: ଆନନ୍ଦରେ ଅଶ୍ରୁ ଝରାଇଲେ ଶ୍ରଦ୍ଧାଳୁ, ଭକ୍ତ। ଖୁସି ବ୍ୟକ୍ତ କଲେ ସେବାୟତ।ଅନେକ ଦିନ ଧରି ମହାପ୍ରଭୁ ଶ୍ରୀ ଅଲାରନାଥ ଙ୍କ ବନ୍ଦ ଥିବା ବଡସିଂହାର ବେଶ ର ହୋଇଛି ପୁନଃ ପ୍ରଚଳନ।ଅନବସରର ଦ୍ୱିତୀୟ ଦିନରେ ବ୍ରହ୍ମଗିରି ର ଶ୍ରୀଅଲାରନାଥ ପୀଠ ରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା।ବହୁ ଦିନର ବ୍ୟବଧାନ ପରେ ଏହି ମନୋରମ, ଅପୂର୍ବ, ମନୋମୁଗ୍ଧକର ବେଶକୁ ଦେଖି ଭକ୍ତ, ଶ୍ରଦ୍ଧାଳୁ ମାନେ ବିମୋହିତ ହୋଇ ପଡିଥିଲେ।ଖୁସି ରେ ବହି ଯାଉଥିଲା ଆନନ୍ଦ ଆଶ୍ରୁ।ଚଳିତ ବର୍ଷ ର ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସେବାୟତ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମାନେ ବଡସିଂହାର ବେଶ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ପରେ ଶ୍ରୀମନ୍ଦିର ସେବାୟତ ଙ୍କ ପରାମର୍ଶ ଅନୁସାରେ ଏହାର ପୁନଃ ପ୍ରଚଳନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ଜିଲ୍ଲାପାଳ ଶ୍ରୀ ପରିଡା ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଉପ ଜିଲ୍ଲାପାଳ ଓ ତହସିଲଦାର ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ସେବାୟତ ମଣ୍ଡଳୀ ସହ ଆଲୋଚନା ବୈଠକ ପରେ ଏହାକୁ ଗତକାଲି ଠାରୁ କାର୍ଯ୍ୟ କାରୀ କରାଯାଇଛି।ସେହିପରି ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀ ଅଲାରନାଥ ଙ୍କ କୋଠ ଭୋଗ ଭିତରେ ଭୋଗ ଲାଗିବାର ବ୍ୟବସ୍ଥା କରାଯାଇଥିବା ବେଳେ ଜଜମାନୀ ଭୋଗ ବାହାରେ ହୋଇଥିଲା।ଜିଲ୍ଲାପାଳ ଙ୍କ ସହ ସେବାୟତ ମାନଙ୍କର ଆଲୋଚନା ମାଧ୍ୟମରେ ହୋଇଥିବା ଏହି ନିଷ୍ପତ୍ତି ଯୋଗୁଁ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ପାଇଁ ଅଧିକ ସୁବିଧା ହୋଇଥିଲା।ଏଥିପାଇଁ ଶ୍ରଦ୍ଧାଳୁ ମାନେ ଆନନ୍ଦ ପ୍ରକାଶ କରିବା ସହ ପ୍ରଶାସନ କୁ ଧନ୍ୟବାଦ ଜଣାଇଛନ୍ତି।

## ରାସ୍ତା ନିର୍ମାଣରେ ନିମ୍ନମାନର କାମ ଅଭିଯୋଗ

# ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗାଁ ବାସୀଙ୍କ ଦାବି



ଲକ୍ଷ୍ମୀପୁର,(ମହାଭାରତ): ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ସେହି ଅର୍ଥରେ ହେଉଥିବା ନିର୍ମାଣ କାମ ପ୍ରକୃତରେ ସରକାରୀ ମାନକ ଅନୁସାରେ ହେଉଛି କି ? ଏହି ପ୍ରଶ୍ନ ଏବେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଭିତରଗଡ଼ ପଞ୍ଚାୟତ ଅନ୍ତର୍ଗତ ପୁଟିସିଲରୁ ଗୌଡ଼ କଙ୍କଡାପୁଟ ପର୍ଯ୍ୟନ୍ତ ଚାଲିଥିବା ଆର୍ଡି ବିଭାଗର ରାସ୍ତା ନିର୍ମାଣ କାମକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା ନିର୍ମାଣରେ ବାଧ୍ୟତାମୂଳକ Wet Mix Macadam (WMM) ସ୍ତର ପ୍ରୟୋଗ କରାଯିବା ବଦଳରେ କେବଳ ମେଟାଲ୍ ବିଛାଇ କାମ କରାଯାଉଛି। ଅଭିଯୋଗ କଲା ପରେ କେତେକ ସ୍ଥାନରେ ମେଟାଲ୍ ଉପରେ ସାମାନ୍ୟ ଡଷ୍ଟ ପକାଇ କାମ ଶେଷ କରାଯାଉଥିବା ମଧ୍ୟ ସେମାନେ ଦାବି କରିଛନ୍ତି। ଯଦି ଏହି ଅଭିଯୋଗର ସତ୍ୟତା ରହିଥାଏ, ତେବେ ନିର୍ମାଣର ଗୁଣବତ୍ତା ଏବଂ ସରକାରୀ ଅର୍ଥର ସଠିକ୍ ବ୍ୟବହାର ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି ହୋଇପାରେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ବିଷୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜରକୁ ଅଣାଯାଇଥିଲେ ମଧ୍ୟ କାମ ପୂର୍ବବତ୍ ଚାଲିଛି। ଏହାକୁ ନେଇ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଏବଂ ସମ୍ପୃକ୍ତ ଠିକାଦାରଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକ। ସେମାନଙ୍କ ମତ, ନିୟମ ବାହାରେ କାମ ହେଉଥିଲେ ତାହା ତଦାରଖ କରିବା ଦାୟିତ୍ୱ କାହାର ଥିଲା ଏବଂ କାହିଁକି ତାହା ହେଲା ନାହିଁ, ତାହାର ମଧ୍ୟ ଉତ୍ତର ମିଳିବା ଦରକାର। ଗ୍ରାମବାସୀମାନେ ଏହି ରାସ୍ତା କାମର ଏକ ସ୍ୱାଧୀନ ବୈଷୟିକ ତଦନ୍ତ କରିବାକୁ ଦାବି କରିଛନ୍ତି। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ସମ୍ପୃକ୍ତ ଠିକାଦାରଙ୍କ ସହ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ପ୍ରଶାସନିକ ଓ ଆଇନଗତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏବେ ନଜର ରହିଛି ଆର୍ଡି ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଇ ନିରପେକ୍ଷ ତଦନ୍ତ କରୁଛନ୍ତି ଏବଂ ପ୍ରକୃତ ସତ୍ୟକୁ ସାମ୍ନାକୁ ଆଣୁଛନ୍ତି।

## ବେଳାଭୂମି ଦ୍ରୁତ ଅବକ୍ଷୟ ନେଇ -ଆନ୍ଦୋଳନ ପାଇଁ ସଜବାଜ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ



ଗଞ୍ଜାମ:ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ବେଳାଭୂମି ଗତ କିଛି ମାସ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଦ୍ରୁତ ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି ।ଯାହାଫଳରେ ଏହା ସ୍ଥାନୀୟ ଅଞ୍ଚଳ ପାଇଁ ଆଗାମୀ ଦିନରେ ବିପଦ ଆଶଙ୍କା ଦେଖା ଦେଲାଣି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀ ଏହାର ସ୍ଥାୟୀ ପ୍ରତିକାର ଓ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବୀ ରଖିଛନ୍ତି । ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ତିନୋଟି ଗ୍ରାମବାସୀ କଣ୍ଟିଆଗଡ଼, ନୀଳାଦ୍ରି ପୁର ଓ ଖଟୁଆକୁଦା ଗ୍ରାମବାସୀ ବଟେଶ୍ୱର ପୀଠ ପ୍ରାଙ୍ଗଣରେ ଗୁରୁବାର ଦିନ ଏନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ରେ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଆସନ୍ତା ୮ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇ ଥିବା ଜଣା ପଡିଛି। ଏହି ଆନ୍ଦୋଳନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି କ୍ଷ କ□ଆଗଡ଼ର ଶିବରାମ ପଲାଇ, ପିତାମ୍ବର ସ୍ୱାଇଁ, ରଞ୍ଜିତ ପଲାଇ, ନାରାୟଣ ପ୍ରଧାନ,ସମୟ ସ୍ୱାଇଁ, ରଞ୍ଜନ ପ୍ରଧାନ ଓ କିଶୋର ପ୍ରଧାନ, ଖଟୁଆ କୁଦା ପୁର ଗ୍ରାମର ବୃନ୍ଦାବନ ପ୍ରଧାନ, ଅଜୟ ପ୍ରଧାନ, ପ୍ରଦୀପ ସାହୁ, ପିଣ୍ଟୁ ସାହୁ,ଅଭିରାମ ଗୌଡ଼ ଏବଂ ନୀଳାଦ୍ରି ପୁର ଗ୍ରାମର ଦିଲ୍ଲୀପ ଛୋଟରାଏ, ଧର୍ମରାଜ ସ୍ୱାଇଁ,ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ,ବିଦ୍ୟାଧର ପ୍ରଧାନ,ଶ୍ରୀଧର ସ୍ୱାଇଁ ଓ ପିତାମ୍ବର ପ୍ରଧାନ ପ୍ରମୁଖଙ୍କୁ ନେଇ ୧୭ ଜଣିଆ କମିଟି ଗଠନ କରାଯାଇଛି । ପାଳିବନ୍ଧ ପଞ୍ଚାୟତ ସମସ୍ତ ଗ୍ରାମରେ ଡାକବାଜି ଯନ୍ତ୍ର ତଥା ମାଇକରେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନତା କରାଯିବ ବୋଲି ଶିବରାମ ପଲାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଜେ ବର୍ତମାନ ସମୁଦ୍ର ର ଉଚ୍ଚ ଲହଡି ଏବଂ ବେଳାଭୂମି ରଦ୍ରୁତ ଅବକ୍ଷୟ ଘଟୁଛି । ଫଳରେ ପୁରୁଣା ପୋଡମ ପେଟା ଗ୍ରାମର ଚାରି ଭାଗରୁ ତିନି ଭାଗ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣିକ୍ଷ ଆଉ କିଛି ମାସ ପରେ ବାଲି ହୁଙ୍କା ଗୁଡିକ ନଷ୍ଟ ହୋଇ ସମ୍ପୂର୍ଣ ଅନ୍ୟ ଗ୍ରାମ ଗୁଡିକରେ ସମୁଦ୍ର ପାଣି ପଶିଯିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।

## ଲଗାଣ ବର୍ଷାରେ ଧସିଲା ପାହାଡ଼, ସୀତାପାଲି ଘାଟିରେ ଯାତାୟାତ ଠପ



କାଳିମେଳା(ମହାଭାରତ): ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ସୀତାପାଲି ଘାଟିରେ ପାହାଡ଼ ଧସିଯାଇଛି। ଫଳରେ ବଡ଼ ବଡ଼ ପଥର ଓ ଗଛ ରାସ୍ତା ଉପରେ ପଡ଼ିରହିଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି।ପାହାଡ଼ ଧସିବା ଯୋଗୁଁ ମାନ୍ୟମକୁଣ୍ଡା ଘାଟି ଦେଇ ସୀତାପାଲି ଏବଂ ଆଖପାଖ ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏହାର ପ୍ରଭାବରେ ସ୍ଥାନୀୟ ଲୋକମାନେ ନିତ୍ୟ ବ୍ୟବହାର ସାମଗ୍ରୀ, ଚିକିତ୍ସା ଓ ଅନ୍ୟାନ୍ୟ ଜରୁରୀ ସେବା ପାଇବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ଗତ ବର୍ଷ ମାନ୍ୟମକୁଣ୍ଡା ଘାଟି ଦେଇ ସୀତାପାଲି ଓ ଗୁଣ୍ଡାବେଡା ଗ୍ରାମ ପର୍ଯ୍ୟନ୍ତ ସଡ଼କ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। କିନ୍ତୁ ପ୍ରଥମ ବର୍ଷାରେ ହିଁ ଘାଟି ରାସ୍ତାର ଏଭଳି ବେହାଲ ଅବସ୍ଥା ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶା କରାଯାଉଛି। ସ୍ଥାନୀୟ ଲୋକେ ଶୀଘ୍ର ରାସ୍ତାରୁ ପଥର ଓ ଗଛ ହଟାଇ ଯାତାୟାତ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି।

## ପୋଡ଼ମପେଟା କୂଳ ଲଙ୍ଘିବା ଘଟଣା: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛତ୍ରପୁର ବିଧାୟକ

ଗଞ୍ଜାମ :ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଉପକୂଳରେ ବଢୁଥିବା ସମୁଦ୍ର କୂଳ କ୍ଷୟ ଓ କୂଳ ଲଙ୍ଘିବା ଘଟଣାକୁ ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖିଛନ୍ତି। ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତର ୯ଟି ଗ୍ରାମ ଏବଂ ରାମଗଡ଼ ପଞ୍ଚାୟତର ୭ରୁ ଅଧିକ ଗ୍ରାମ ବର୍ତ୍ତମାନ ତୀବ୍ର ସମୁଦ୍ର କୂଳ କ୍ଷୟର ସମ୍ମୁଖୀନ ହେଉଛି। ସମୁଦ୍ର ଦ୍ରୁତ ଗତିରେ ସ୍ଥଳଭାଗକୁ ମାଡ଼ି ଆସୁଥିବାରୁ ଜନବସତି, କୃଷିଜମି ଓ ଜନଜୀବନ ବିପଦରେ ପଡ଼ିଥିବା ସେ ଉଲ୍ଲେଖ କରିଛନ୍ତି।ପତ୍ରରେ ବିଧାୟକ ପ୍ରସିଦ୍ଧ ବଟେଶ୍ୱର ପୀଠର ସୁରକ୍ଷା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ପରିସ୍ଥିତି ଜାରି ରହିଲେ ବଟେଶ୍ୱର ପୀଠ ସମେତ ଅନେକ ଗ୍ରାମ ସମୁଦ୍ର ଗର୍ଭରେ ବିଲୀନ ହେବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ପୂର୍ବରୁ ସରକାରଙ୍କ ବୈଷୟିକ କମିଟି ସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେଇଥିବା ବେଳେ, ସେହି ସୁପାରିଶକୁ ଆଧାର କରି ସ୍ଥାୟୀ ସମୁଦ୍ର କୂଳ ସୁରକ୍ଷା ପ୍ରକଳ୍ପ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ଅନୁମୋଦନ ପ୍ରଦାନ କରି କାର୍ଯ୍ୟ ଆରମ୍ଭ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ପୋଲିସକୁ ଆକ୍ରମଣ କରି ଜଣେ ଗିରଫ



ବାଲିପାଟଣା( ମହାଭାରତ ) ବାଲିପାଟଣା ଥାନା ପୁବାଗଡ଼ରେ କର୍ତ୍ତବ୍ୟରତ ପୋଲିସଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଜଣେ ଗିରଫ ।ଗିରଫ ଅଭିଯୁକ୍ତ ଜଣକ ହେଲେ ପୁବାଗଡ ଗ୍ରାମର ବ୍ରଜ କିଶୋର ସ୍ୱାଇଁ (୩୬)। ପୋଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ ଲୁହା ରଡ୍ ଜବତ କରିଛି।ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟା ସମୟରେ ବାଲିପାଟଣା ଥାନାର ପିସିଆର୍-୪୩ ଟିମକୁ ଭିସିଆର୍ କଲ୍ ଜରିଆରେ ପୁବାଗଡ଼ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେଉଥିବା ନେଇ ସୂଚନା ମିଳିଥିଲା। ପିସିଆର୍ ଟିମ୍ରେ ଥିବା ପ୍ରଶାନ୍ତ କୁମାର ଦାସ, ହୋମ୍ ଗାର୍ଡ ମନୋଜ କୁମାର ବେହେରା ଏବଂ ଡ୍ରାଇଭର ସୁକାନ୍ତ ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଅଭିଯୁକ୍ତ ବ୍ରଜ କିଶୋର ଏକ ଲୁହା ରଡ୍ ଧରି ଉତ୍ପାତ କରିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରୁଥିଲେ।ପୋଲିସ ଟିମ୍ ପଚରାଉଚରା କରିବାରୁ ଅଭିଯୁକ୍ତ ଜଣକ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କର୍ତ୍ତବ୍ୟରତ ପୋଲିସ ଅଧିକାରୀଙ୍କ କଲର ଧରି ଟଣାଓଟରା କରିବା ସହ ଲୁହା ରଡ୍ ଦେଖାଇ ସମସ୍ତ ପୋଲିସ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୁକ୍ତଙ୍କ ଏପରି ଆକ୍ରମଣାତ୍ମକ ଆଚରଣ ଦେଖି ପୋଲିସ ଟିମ୍ ସେଠାରୁ ଫେରିଆସିଥିଲେ ଏବଂ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଏହି ଅଭିଯୋଗକୁ ଭିତ୍ତି କରି ବାଲିପାଟଣା ଥାନାରେ କେସ୍ ନଂ-୨୯୮/୨୦୨୬ରେ ମାମଲା ରୁଜୁ କରାଯାଇଥିଲା। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ବ୍ରଜ କିଶୋରଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ଆକ୍ରମଣରେ ବ୍ୟବହୃତ ଲୁହା ରଡକୁ ଜବତ କରିଛି। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟଂଶୁ ଶେଖର ପାଢ଼ୀ ସୂଚନା ଦେଇଛନ୍ତି।

## କବି କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ବାଲିପାଟଣା (ମହାଭାରତ)ଓଡ଼ିଶା ସାହିତ୍ୟ ଏକାଡେମୀ ଓ 'ସମୟର ପ୍ରାଚୀଧାରା'ର ମିଳିତ ଆନୁକୂଲ୍ୟରେ ବାଲିପାଟଣା ସ୍ଥିତ ଦୁର୍ଗା ମାଧବ ମଣ୍ଡପଠାରେ ବିଶିଷ୍ଟ କବି ତଥା ସାହିତ୍ୟିକ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ କବିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସୁସାହିତ୍ୟିକ ଡଃ ଦିବାକର ମାନସିଂହ କାଳନ୍ଦୀ ଚରଣଙ୍କ ସାହିତ୍ୟିକ ଦର୍ଶନ ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଉପରେ ଆଲୋଚନା କରିଥିଲେ ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡଃ ବାସନ୍ତୀ ମହାନ୍ତି କବି କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟ ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପାଣିଗ୍ରାହୀଙ୍କ ଲେଖନୀରେ ସାଧାରଣ ମଣିଷର ଦୁଃଖ, ସୁଖ ଓ ସଂଘର୍ଷର ଚିତ୍ର ବେଶ୍ ଜୀବନ୍ତ ହୋଇଉଠିଛି ।ସମ୍ମାନୀୟ ବକ୍ତା ଭାବେ ଡଃ ଶର୍ମିଷ୍ଠା ମହାପାତ୍ର ଯୋଗଦେଇ କବିଙ୍କ ବ୍ୟକ୍ତି ଓ ତାଙ୍କ ସୃଜନଶୀଳତାର ସ୍ମୃତିଚାରଣ କରିଥିଲେ। 'ସମୟର ପ୍ରାଚୀଧାରା'ର ସମ୍ପାଦକ ଭଗବାନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭାକୁ ସଂଯୋଜନା ସଭାମୁଖ୍ୟ ଭାବେ ଡଃ ଭବାନୀ ଶଙ୍କର ଦାସ ଯୋଗଦେଇଥିଲେ ।ଏହି ସମାରୋହରେ ଅଞ୍ଚଳର ବହୁ ସାହିତ୍ୟ ଅନୁରାଗୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସାହିତ୍ୟ ଏକାଡେମୀ ପ୍ରତିନିଧି ଭାବେ ସଂଜୟ କୁମାର



ଛୁଆଳସିଂ ଯୋଗଦେଇ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ବିପିନ ମହାନ୍ତି ସଭା ପରିଚାଳନା କରିଥିଲେ । ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ।

## ଶିବ ପ୍ରସାଦ ଜେନା ନେସନାଲ ପେନକିକରେ ସ୍ୱର୍ଣ୍ଣ ପଦକ ପାଇଁ ଗୌରବ ଆଣିଲେ




ଗଞ୍ଜାମ,:ମହାରାଷ୍ଟ୍ରର ନାସିକ ଠାରେ ଆୟୋଜିତ ନେସନାଲ ପେନକିକ ଚମ୍ପିୟାନସିପରେ ସବ ଜୁନିୟର ବର୍ଗରେ ଶିବ ପ୍ରସାଦ ଜେନା (୧୪)ପାଇଲେ ସ୍ୱର୍ଣ୍ଣ ପଦକ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଖୁସି ର ଲହରୀ ଦେଖା ଦେଇଛି । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲ ରୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି । ସେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଗୋଖରକୁଦା ଗ୍ରାମର ବଟେଶ୍ୱର ଜେନା ଓ ବିଷ୍ଣୁପ୍ରିୟା ଜେନା ଙ୍କ ପୁତ୍ର ଅଟନ୍ତି ।ସେ ରାଜ୍ୟ ସ୍ତରରେ ରେ ନିଜର ସଫଳତା ସହ ଉ□ମ ଶୈଳୀ ରେ କିକ ମାରି ଜାତୀୟ ସ୍ତରକୁ ଉତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତା ପଛରେ ପିତାମାତା ପ୍ରୋତ୍ସାହନ, କୋଚ ଙ୍କ ସମ୍ପୂର୍ଣ୍ଣ ସହଯୋଗ ଭଗବାନ ଆଶୀର୍ବାଦ ଯୋଗୁଁ ସେ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ପୂର୍ବରୁ ସେ ଅନେକ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ଅର୍ଜନ କରି ଆସିଛନ୍ତି । ଏହି ସଫଳତା ତାଙ୍କୁ ଆଗାମୀ ଦିନରେ ଆହୁରି ଆଗକୁ ଯିବାରେ ସହାୟକ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି ।

## ବର୍ଷାରେ ଭିଜୁଛି ଧାନ, ଶୁଭୁଛି ଚାଷୀଙ୍କ କ୍ରନ୍ଦନ

# ଖୋଲା ଆକାଶ ତଳେ ଭିଜୁଛି ହଜାର ହଜାର କୁଇଣ୍ଟାଲ ଧାନ




ଜୁନାଗଡ଼ (ମହାଭାରତ): ଅନେକ ଚାଷୀଙ୍କ ଟୋକନ ଲେପସ ହେଲାଣି, ।ଭିଜି ଭିଜି ଧାନ ଗଜା ହେଲାଣି। ଦୁଶ୍ଚିନ୍ତାରେ ନିରୀହ ଚାଷୀ।ଏପରି ପରିସ୍ଥିତି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ମଣ୍ଡିରେ। ବର୍ଷାରେ ଭିଜି ଗଜା ହୋଇଗଲା ଧାନ, ଏବେବି ଖୋଲା ଆକାଶ ତଳେ ପଡିଛି ହଜାର ହଜାର କୁଇଣ୍ଟାଲ ଧାନ ।କଳାହାଣ୍ଡି ଜିଲ୍ଲାର ଛୋରିଆଗଡ଼ ମଣ୍ଡିରେ ପ୍ୟାକ୍ସ, ମିଲର୍ସ ଓ ଏଜେଣ୍ଟମାନଙ୍କ ରାଜ ଦେଖିବାକୁ ମିଳିଛି । ଖୋଲା ଆକାଶ ରେ ମଣ୍ଡି ଥିବା ଯୋଗୁଁ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଭିଜି ଗଜା ହେଲାଣି । ଧାନ ଗଜା ହେବା ଯୋଗୁଁ ପ୍ୟାକ୍ସ, ମିଲର୍ସ ଓ ଏଜେଣ୍ଟମାନେ ଖୁଲମ ଖୁଲ୍ଲା କଟନୀଛଟନି କରୁଛନ୍ତି । ଛୋରିଆଗଡ଼ ମଣ୍ଡିରେ ୬୨୩ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୩ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଥିଲା । ୬୧୬ ଜଣ ଚାଷୀଙ୍କ ୩୨ ହଜାର ୨୯୯ କୁଇଣ୍ଟାଲ ୨୯ କେଜି ଧାନ ଉଠି ସାରିଛି,ତତ୍ତମଧ୍ୟରୁ ଅନେକ ଚାଷୀଙ୍କ ଧାନ ବିକ୍ରି ଭେଣ୍ଡର କାଟି ମଣ୍ଡିରେ ପଡିଛି। ୬୩ ଜଣ ଚାଷୀଙ୍କ ୩ ହଜାର ୭୭୫ କୁଇଣ୍ଟାଲ ୪ କେଜି ଧାନ ମଣ୍ଡି ରେ ପଡ଼ିଛି । ସବୁଠାରୁ ଦୁଃଖର ବିଷୟ ମଣ୍ଡିରେ ୧୦ ଟି ମିଲର୍ସ ଥାଇ ମଧ୍ୟ ୩ ଜଣ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଗଲା । ପ୍ୟାକ୍ସ, ମିଲର୍ସ ଓ ଏଜେଣ୍ଟଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମହିଳା ଚାଷୀ ଗୀତା ମହାଲିକଙ୍କ ୬୦ କୁଇଣ୍ଟାଲ, ଭବାନୀଶଙ୍କର ଗୁରୁଙ୍କ ୭୫ କୁଇଣ୍ଟାଲ ଓ କନ୍ଦର୍ପ ମହାଲିକଙ୍କ ୪୧ କୁଇଣ୍ଟାଲ ଧାନ ର ଟୋକନ ଲ୍ୟାପ୍ସ ହୋଇଗଲା ।ଗୋଟିଏ ପଟେ ମୌସୁମୀ ବର୍ଷା ଓ ଅନ୍ୟ ପଟେ ଖୋଲା ଆକାଶ ତଳେ ହଜାର ହଜାର କୁଇଣ୍ଟାଲ ଧାନ ଥିବା ଯୋଗୁଁ ଏବେ ଚିନ୍ତାରେ ଚାଷୀ । ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଧାନ ଭିଜି ଗଜା ହୋଇଯାଇଛି ।ପ୍ରଶାସନିକ ତ୍ୱରାନ୍ୱିତ ପଦକ୍ଷେପକୁ ଅପେକ୍ଷା କରିଛନ୍ତି ଚାଷୀ।

## ପ୍ରଶାସନ ପକ୍ଷରୁ ଅଚଳ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ପରିଦର୍ଶନ ଏବଂ ଚାଷୀ ମାନଙ୍କ ସହିତ ଆଲୋଚନା

ଗଞ୍ଜାମ:ଗଞ୍ଜାମ ବ୍ଲକ ଅନ୍ତର୍ଗତ ବୁରୁଡ଼ି ଠାରେ ୨୦୧୦ ମସିହାରେ ନିର୍ମିତ ଓ ତତକାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଶୀତଳ ଭଣ୍ଡାରଟି ଠିକ ଭାବେ କାର୍ଯ୍ୟ କ୍ଷମ ହୋଇପାରିନଥିଲା । ଫଳରେ ସ୍ଥାନୀୟ ଅଞ୍ଚଳ ଚାଷୀ ମାନେ ଘୋର ଅସୁବିଧାରେ ରହୁଥିଲେ । ଫଳରେ ଏହାକୁ ନେଇ ପ୍ରଶାସନ ଙ୍କୁ ଚାଷୀ ମାନେ ଜଣେଇଥିଲେ। ଯାହା କୁ ଭିତ୍ତି କରି ଜିଲ୍ଲା ପ୍ରଶାସନ ଏକ ଟିମ ଶୀତଳ ଭଣ୍ଡାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୂଚନା ଯୋଗ୍ୟ ଜେ ଆର୍ ଏମ୍ ସି ଅଧୀନରେ ରହି ଆସିଛି ଏହି ଶୀତଳ ଭଣ୍ଡାର ,ଏଥିରେ କିଛି ବୈଷୟିକ ତ୍ରୁଟି ଓ ପରିଚାଳନାଗତ ଅବହେଳା ଯୋଗୁଁ ଅବ୍ୟବହୃତ ହୋଇ ପଡ଼ି ରହିଛି । ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଙ୍କ ନିର୍ଦ୍ଦେଶ କ୍ରମେ ଏ ଡି ଏମ୍ ସଚ୍ଚିଦାନନ୍ଦ ନାୟକ ,ଛତ୍ରପୁର ଉପ ଜିଲ୍ଲାପାଳ ଦେବାଶିଷ ବରାଳ,ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆର୍ ଏମ୍ ସି ହିଞ୍ଜିଳିକାଟୁ ସମ୍ପାଦକ ପ୍ରମୁଖ ଏଠାକୁ ଆସି ଚାଷୀ ମାନଙ୍କ ନେତୃତ୍ୱ ନେଉଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ,ଚାଷୀ ନିରଞ୍ଜନ ନାହାକ,ପ୍ରଭାକର ନାହାକ,ବଂଶୀଧର ନାହାକ,ଯୋଗୀ ନାହାକ,ରଞ୍ଜନ ନାହାକ,ମନୋଜ ନାହାକ,ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ସହ ଆଲୋଚନା କରିଥିଲେ ।ଏହି ସମସ୍ୟାର ସମାଧାନ ଓ ଅଚଳ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଅଗ୍ରଣୀ ଚାଷୀ ମାନଙ୍କୁ ନେଇ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି ।ଆଗାମୀ ଭବିଷ୍ୟତରେ ଏହି କ୍ଷୁଦ୍ର ଶୀତଳ ଭଣ୍ଡାରର ପ୍ରଶସ୍ତି କରଣ ସହ ଉତ୍ତତ ମାନର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଅଂଚଳରୁ ଉତ୍ପାଦିତ ବିଭିନ୍ନ ସବୁଜ ପନିପରିବା ଯଥା ଟମାଟ, ଇତ୍ୟାଦି ସଂରକ୍ଷଣ ସମେତ ଓରମାସ୍ ସଂସ୍ଥା ସହିତ ଯୋଗାଯୋଗ କରି ଏସବୁର ବିକ୍ରିବଟା ଉପରେ ଧ୍ୟାନ ଦିଆଯିବ ବୋଲି ସ୍ଥିର କରାଗଲା ।

## ଝାଡ଼ଖଣ୍ଡର ଅର୍ଥମନ୍ତ୍ରୀ ଛାଡ଼ିଲେ ସରକାରୀ ସୁରକ୍ଷା

ରାଞ୍ଚି : ଅର୍ଥମନ୍ତ୍ରୀ ରାଧା କୃଷ୍ଣ କିଶୋର ତାଙ୍କ ଆବଶ୍ୟକତାକୁ ଅଣଦେଖା କରିବା ପାଇଁ ପୋଲିସ ମୁଖ୍ୟାଳୟ ଉପରେ ଅସନ୍ତୁଷ୍ଟ । ଯଦିଓ ସେ ସ୍ପଷ୍ଟ ଭାବରେ ତାଙ୍କର ଅଭିଯୋଗ ପ୍ରକାଶ କରିନାହାଁନ୍ତି, ସେ ସମ୍ପ୍ରତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଚିଠି ଲେଖି ତାଙ୍କ ସୁରକ୍ଷା କାଫଲା ଲାଗି ଅତିରିକ୍ତ ଗାଡ଼ି ପାଇଁ ଅନୁରୋଧ କରିଥିଲେ । ଏହି ଅନୁରୋଧ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଅଭାବରୁ ହତାଶାରୁ ତାଙ୍କୁ ଦିଆଯାଇଥିବା ସୁରକ୍ଷା କର୍ମୀ ଏବଂ ଗାଡ଼ି ଫେରାଇବାର ତାଙ୍କର ନିଷ୍ପତ୍ତି ନିଆଯାଇଥିବା ବିଶ୍ୱାସ କରାଯାଏ । ଝାଡ଼ଖଣ୍ଡ ସରକାରଙ୍କ କଂଗ୍ରେସ କୋଟାର ବରିଷ୍ଠତମ ମନ୍ତ୍ରୀ ଏବଂ ପ୍ରଶାସନରେ 'ନମ୍ବର ଦୁଇ' ପଦବୀରେ ଥିବା ଜଣେ ବ୍ୟକ୍ତି ରାଧା କୃଷ୍ଣ କିଶୋର ଏହି ପଦକ୍ଷେପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ଶୁକ୍ରବାର, ମନ୍ତ୍ରୀ ୧୬ ଜଣ ସୁରକ୍ଷା କର୍ମୀ ଏବଂ ତାଙ୍କ ପାଇଁ ଆବଣ୍ଟିତ ତିନୋଟି ସୁରକ୍ଷା ଗାଡ଼ି ରାଜ୍ୟ ସରକାରଙ୍କୁ ଫେରାଇ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ ବିଜୟଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଡିଏମକେ ବିଧାୟକ ଗିରଫ

ମାଡ୍ରାସ : ଟିଭିକେ ଅଧ୍ୟକ୍ଷ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଡିଏମକେ ବିଧାୟକ ଅନିତା ଆର ରାଧାକୃଷ୍ଣନଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା ପରେ ତାମିଲନାଡୁ ପୁଲିସ ତାଙ୍କୁ ଗିରଫ କରିଛି । ଅଭିଯୋଗ ହୋଇଛି ଯେ, ବିଧାୟକ ସାର୍ବଜନୀନ ମଞ୍ଚରୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଜୁନ୍ ? ୨୦ ତାରିଖରେ ଅଥୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେବାସମୟରେ ରାଧାକ୍ରିଷନ୍ ବିଜୟଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏହାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା ।



ଗିରଫ ହେବା ଆଶଙ୍କା କରି ରାଧାକ୍ରିଷ୍ଣନ ମାଡ୍ରାସ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ । ତେବେ କୋର୍ଟ ଶୁକ୍ରବାର ତାଙ୍କ ଆବେଦନ ଖାରଜ କରିଦେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ପରେ ବିଧାୟକ ବିକାଶ କାର୍ଯ୍ୟ ଯାଞ୍ଚ କରିବାକୁ ସରକାରୀ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା । ପୁଲିସ ତାଙ୍କୁ ଗିରଫ କରିବା ସମୟରେ ଡିଏମକେ କର୍ମୀମାନେ ପୁଲିସ କର୍ମଚାରୀଙ୍କୁ ଘେରି ଯାଇଥିଲେ ଏବଂ ତାଙ୍କୁ ପୁଲିସ ଗାଡ଼ିରେ ନେଇଯିବାରୁ ବାରଣ କରିବାକୁ ଚେଷ୍ଟା କରିଥିଲେ । ଦଳୀୟ କର୍ମୀମାନେ ଟିଭିକେ ସରକାରଙ୍କ ବିରୋଧରେ ମଧ୍ୟ ସ୍ଲୋଗାନ ଦେଇଥିଲେ । ପରେ ରାଧାକୃଷ୍ଣନଙ୍କୁ ତିରୁଚେନ୍ଦୁର ନିକଟସ୍ଥ ଅଥୁର ପୁଲିସ ଷ୍ଟେସନରେ ଅଟକ ରଖାଯାଇଥିଲା । ନିକଟରେ ଟିଭିକେ ସରକାର ରାଜ୍ୟପାଳ ଆର୍.ଏନ୍. ରବି ଆର୍ଲେକରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ରୁଜୁ ମନି ଲଣ୍ଡରିଂ ମାମଲାରେ ରାଧାକ୍ରିଷ୍ଣନ ଓ ଭି ସେନ୍ଥିଲ ବାଲାଜୀଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ ।

## ରାଜା ରଘୁବଂଶୀ ହତ୍ୟା ମାମଲା ସୋନମଙ୍କ ଜାମିନରେ ରୋକ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ମେଘାଳୟକୁ ହନିମୁନରେ ଆସି ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ସୋନମ୍ ରଘୁବଂଶୀଙ୍କୁ ମେଘାଳୟ ହାଇକୋର୍ଟ ପ୍ରଦାନ କରିଥିବା ଜାମିନ ଉପରେ ତୁରନ୍ତ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ମେଘାଳୟ ପୋଲିସର ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସୋନମଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକ ଅତ୍ୟନ୍ତ ସଂଗୀନ ଏବଂ ଏହାର ବିସ୍ତୃତ ଯାଞ୍ଚ ଆବଶ୍ୟକ, ମାତ୍ର ସେ ବର୍ତ୍ତମାନ ଜେଲରୁ ମୁକ୍ତ ହୋଇସାରିଥିବାରୁ ଏହି ସମୟରେ କୋର୍ଟ ତାଙ୍କ ଜାମିନ ଉପରେ ହସ୍ତକ୍ଷେପ କରିବାକୁ ଚାହୁଁନାହାନ୍ତି । ତେବେ ଜାମିନ ଖାରଜ କରିବା ପାଇଁ ପୋଲିସ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ସୋନମଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି ଏବଂ ଆସନ୍ତା ଗୁରୁବାର ଦିନ ଏହି ମାମଲାର ପରବର୍ତ୍ତୀ ବିସ୍ତୃତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଅଦାଲତରେ ଶୁଣାଣି ସମୟରେ ମେଘାଳୟ ପୋଲିସ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ, ସୋନମଙ୍କ ପୂର୍ବ ଜାମିନ ଆବେଦନଗୁଡ଼ିକ ଖାରଜ ହୋଇସାରିଥିଲା ଏବଂ ଗିରଫ କାଗଜପତ୍ରରେ କେବଳ ଏକ ଟାଇପିଂ ଭୁଲ୍ ଥିଲା, ଯାହାକୁ ଆଧାର କରି ହାଇକୋର୍ଟ ଜାମିନ ଦେଇଛନ୍ତି । ଅନ୍ୟପଟେ ସୋନମଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ଗିରଫ ସମୟରେ ତାଙ୍କୁ କୌଣସି ଆଇନଗତ ସହାୟତା ମିଳିନଥିଲା ଏବଂ ଗିରଫର କାରଣ ମଧ୍ୟ ସଠିକ୍ ଭାବେ ଜଣାଯାଇନଥିଲା । ଏହା ସହିତ ସେ ବର୍ତ୍ତମାନ ଶିଲଂରେ ଅଛନ୍ତି, ତାଙ୍କ ଉପରେ କଡ଼ା କଟକଣା ଲଗାଯାଇଛି ଏବଂ ସେ କୌଣସି ପ୍ରମାଣ ନଷ୍ଟ କରିପାରିବେ ନାହିଁ । କୋର୍ଟ ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିବା ସହ ତଦନ୍ତ ପ୍ରକ୍ରିୟା ଜାରି ରଖିବାକୁ କହିଛନ୍ତି ।

# ରାମମନ୍ଦିର ଦାନଅର୍ଥ ଚୋରି ପରେ ବଦ୍ରି-କେଦାରନାଥ ମନ୍ଦିର ସମିତି ଜାରି କଲା ନୂଆ ନିର୍ଦ୍ଦେଶ

ଉତ୍ତରାଖଣ୍ଡ : ରାମ ମନ୍ଦିରରେ ଦାନଅର୍ଥ ଚୋରି ମାମଲା ପରେ ଶ୍ରୀ ବଦ୍ରିନାଥ ଏବଂ କେଦାରନାଥ ମନ୍ଦିର ସମିତି ନିଜ ଅଧୀନରେ ଥିବା ସମସ୍ତ ମନ୍ଦିରକୁ ହେଉଥିବା ଦାନ, ଅର୍ପଣ ଏବଂ ରାଜସ୍ୱ ସମ୍ବନ୍ଧୀ ସମସ୍ତ ପ୍ରବନ୍ଧନ ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ନିର୍ଦ୍ଦେଶରେ ଦାନ, ଅର୍ପଣ ହେଉଥିବା ଜିନିଷର ସଂଗ୍ରହ, ସୁରକ୍ଷା ଏବଂ ପୂର୍ଣ୍ଣ ପାରିଦର୍ଶିତାକୁ ବାଧ୍ୟତାମୂଳକ କରାଯାଇଛି । ଭବିଷ୍ୟରେ ଏଭଳି କିଛି ଅନିୟମିତତା ନ ହେବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଜୁଲାଇ ୨ ତାରିଖରେ ଜାରି ହୋଇଥିବା ଏକ ଆଦେଶରେ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୋହନ ସିଂ ରଙ୍ଗର ସମିତି ଦ୍ୱାରା



ପ୍ରବନ୍ଧିତ ବଦ୍ରିନାଥ, କେଦାରନାଥ ଏବଂ ଅନ୍ୟ ସମସ୍ତ ମନ୍ଦିରରେ ଦାନ ଏବଂ ଅର୍ପଣ ହେଉଥିବା ଜିନିଷ ଗଣତି କେନ୍ଦ୍ର, ଲେଖା ଶାଖା, କୋଷାଗାର, ଅତିଥି ଗୃହ ଏବଂ ପୂଜା କାଉଣ୍ଟରରେ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶରେ କୁହାଯାଇଛି କି, ନଗଦ ଦାନ, ଦାନ କରାଯାଇଥିବା ସାମଗ୍ରୀ କିମ୍ବା ଅର୍ପଣ ହେଉଥିବା ଜିନିଷରେ କୌଣସି ପ୍ରକାରରେ ଅନିୟମିତତାକୁ ଗ୍ରହଣ କରାଯିବ ନାହିଁ । ବର୍ତ୍ତମାନ ଶ୍ରୀ ରାମ ମନ୍ଦିର ଅଯୋଧ୍ୟାରେ ଦାନ, ଅର୍ପଣ ସମ୍ବନ୍ଧରେ ମିଡିଆ ମାଧ୍ୟମରେ ଖବର ଜଣାପଡିଛି । ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଅଧୀନସ୍ଥ ମନ୍ଦିରରେ ଦାନ, ଅର୍ପଣ ଇତ୍ୟାଦି ଜିନିଷରେ ସତର୍କତା ଆବଶ୍ୟକତା ରହିଛି । ଏହାଦ୍ୱାରା ଭବିଷ୍ୟରେ କୌଣସି ପ୍ରକାରର ଅନିୟମିତତା ଅଭିଯୋଗ ନ ଆସୁ । ଭବିଷ୍ୟତରେ ଏଭଳି କିଛି ଅନିୟମିତତା ଦେଖାଦେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପାକିସ୍ତାନରେ ଭୟଙ୍କର ସଡ଼କ ଦୁର୍ଘଟଣା; ୪୦ ମୃତ , ୮ ଆହତ

ଦକ୍ଷିଣ- ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି । ଯାତ୍ରୀମାନଙ୍କୁ ନେଇ ଯାଉଥିବା ବସ୍‌ଟି ଗଭୀର ଖାଇକୁ ଖସି ପଡ଼ିଥିଲା । ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିବା କୁହାଯାଉଛି । ବସ୍‌ଟି କ୍ୱଏଟାରୁ ଇସଲାମାବାଦ ଯାଉଥିଲା । ବସ୍‌ରେ ମୋଟ ୪୮ ଜଣ ଯାତ୍ରୀ ଥିବା ଜଣାପଡ଼ିଛି । ବଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ସହିଦ ରିନ୍ଦ କହିଛନ୍ତି ଯେ, ବଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରଦେଶ ସୀମା ନିକଟରେ ଥିବା ଏକ ଦୁର୍ଗମ ଅଞ୍ଚଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଏକ ଘାଟିରେ ଖସି ପଡ଼ିଥିଲା ।

ବସ୍‌ଟି କ୍ୱଏଟାରୁ ୩୬ ଯାତ୍ରୀଙ୍କୁ ନେଇ ଆସୁଥିବା ବେଳେ ରାସ୍ତାରେ



ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀ ଏହି ଗାଡ଼ିକୁ ଚାଲି ଆସିବା ଯୋଗୁ ଗାଡ଼ି ଭିତରେ ଅଧିକ ଗହଳି ହୋଇଯାଇଥିଲା । ରିନ୍ଦ କହିଛନ୍ତି, ଉଦ୍ଧାରକାରୀ ଦଳ ମୃତକଙ୍କୁ ଚିହ୍ନଟ କରୁଛି । ପାକିସ୍ତାନରେ ରାସ୍ତାଘାଟ ଖରାପ ହୋଇଥିବାରୁ ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଥାଏ । ମେ ମାସରେ ଉତ୍ତର ପଶ୍ଚିମ ପାକିସ୍ତାନରେ ରାସ୍ତାରେ ଛିଡା ହୋଇଥିବା ଏକ ବସ୍ ସହିତ ମିନିବସ୍ ଧକ୍କାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଅନ୍ୟ ପାଞ୍ଚ ଜଣ ଆହତ ହୋଇଥିଲେ । ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି । ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗ୍‌ତୀ ମଧ୍ୟ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହିତ ଆହତଙ୍କୁ ଡାକ୍ତରୀ ଚିକିତ୍ସା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମେଡିକାଲ୍ ଜରୁରୀକାଳୀନ ପ୍ରତିକ୍ରିୟା କେନ୍ଦ୍ର ଅନୁଯାୟୀ, ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରୁ ୪୦ ଟି ମୃତଦେହ ଉଦ୍ଧାର କରିଛି । ଆଠ ଜଣ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଝୋବ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣାର କାରଣ ତଦନ୍ତ କରୁଛି ।

## ଆମାଜନ ଡେଲିଭରି ଟ୍ରକରୁ ୬୦୪ଟି ମୋବାଇଲ ଚୋରି, କୋଟି କୋଟି ଟଙ୍କାର ସାମଗ୍ରୀ ଗାଏବ ର ହେଲା ଖୁଲାସା

ନୂଆଦିଲ୍ଲୀ: ଇ-କମର୍ସ କମ୍ପାନୀ ଆମାଜନର ଏକ ଡେଲିଭରି ଟ୍ରକରୁ ୬୦୪ଟି ମୋବାଇଲ ଫୋନ ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଟ୍ରକଟି ଗୋଟିଏ ଗୋଦାମରୁ ଅନ୍ୟ ଗୋଦାମକୁ ମୋବାଇଲ ନେଇ ଯାଉଥିବା ବେଳେ ଏହି ଚୋରି ଘଟିଥିଲା । ଏହି ଘଟଣା ପରେ କମ୍ପାନି ଓ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସୂଚନା ଅନୁସାରେ ଟ୍ରକରେ ଥିବା ପାର୍ସଲ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପରେ ଯାଞ୍ଚ କରାଯାଇଥିଲା । ସେତେବେଳେ ୬୦୪ଟି ମୋବାଇଲ ଫୋନ ନଥିବା ଜଣାପଡ଼ିଥିଲା । ଏହାପରେ କମ୍ପାନୀ ପକ୍ଷରୁ ପୋଲିସରେ ଅଭିଯୋଗ ଦାଖଲ କରାଯାଇଥିଲା । ପୋଲିସ ଟ୍ରକର ଯାତ୍ରାପଥ, ଜିପିଏସ୍ ଡାଟା ଓ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ପ୍ରାଥମିକ ତଦନ୍ତରେ ସନ୍ଦେହ କରାଯାଉଛି ଯେ ଟ୍ରକ ଯାତ୍ରା ସମୟରେ କୌଣସି ସ୍ଥାନରେ ପାର୍ସଲ ଖୋଲି ମୋବାଇଲଗୁଡ଼ିକ ବାହାର କରାଯାଇଥିବା ସମ୍ଭାବନା ରହିଛି । ଏହି ଘଟଣାରେ ଟ୍ରକ କର୍ମଚାରୀ କିମ୍ବା ଅନ୍ୟ କାହାର ସମ୍ପର୍କ ଅଛି କି ନାହିଁ ସେନେଇ ମଧ୍ୟ ତଦନ୍ତ ଚାଲିଛି । ଚୋରି ହୋଇଥିବା ମୋବାଇଲଗୁଡ଼ିକର ମୂଲ୍ୟ କୋଟି କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ପୋଲିସ ସମସ୍ତ ଆଇଏମଇଆଇ ନମ୍ବରକୁ ଟ୍ରାକିଂରେ ରଖିଛି ଏବଂ ଚୋରି ହୋଇଥିବା ଫୋନଗୁଡ଼ିକ ବଜାରରେ ବିକ୍ରି ହେବାକୁ ନ ଦେବା ପାଇଁ ପଦକ୍ଷେପ ନେଉଛି । ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।




# ଶସ୍ତା ହେଲା ଅଶୋଧିତ ତେଲ : କମିବନି ତେଲ ଦର

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଶସ୍ତା ହୋଇଥିଲେ ମଧ୍ୟ ତାହାର ଲାଭ ଏତେ ଶୀଘ୍ର ଗ୍ରାହକମାନଙ୍କୁ ମିଳିବ ନାହିଁ । ପେଟ୍ରୋଲ ଦର ଏବେ କମିବନି ବୋଲି ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ଆଉ କିଛି ସପ୍ତାହ ପର୍ଯ୍ୟନ୍ତ ଅଶୋଧିତ ତେଲ ଦର ନିମ୍ନସ୍ତରରେ ରହିଲେ ହିଁ ତେଲ ଦର ହ୍ରାସ ସମ୍ପର୍କରେ ବିଚାର କରାଯାଇପାରିବ । ସେ କହିଛନ୍ତି ଯେ ଇରାନ ଯୁଦ୍ଧ ଦ୍ୱାରା ସାରା ବିଶ୍ୱର ଉର୍ଜା କ୍ଷେତ୍ରରେ ବିଭ୍ରାଟ ଦେଖାଦେଇଥିଲା । ଭାରତ କିନ୍ତୁ ଏହାର ତୈଳ, ଏଲ୍‌ପିଜି ଓ ଏଲ୍‌ଏନ୍‌ଜି ଗ୍ରାହକମାନଙ୍କୁ ଯଥା ସମ୍ଭବ ସୁରକ୍ଷା ଦେବାରେ ସଫଳ



ହୋଇଥିଲା । ବିଭିନ୍ନ ଦେଶ ତେଲ ଦର ବଢ଼ାଇତିଲେ । ଯୁଦ୍ଧ ହେବାର ୭୬ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କ୍ଷତି ଅସହ୍ୟ ହେବାକୁ ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦରକୁ ଚାରି ଥରରେ ଲିଟର ପ୍ରତି ୮ଟଙ୍କା ପର୍ଯ୍ୟନ୍ତ ବଢ଼ାଇଥିଲେ । ସେହି ଦରବୃଦ୍ଧି ବିଶ୍ୱର ଅନ୍ୟତମ ସର୍ବନିମ୍ନ ଥିଲା ବୋଲି ଶ୍ରୀ ପୁରୀ କହିଛନ୍ତି ।

ଯୁଦ୍ଧ ବନ୍ଦ କରିବା ନେଇ ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଚୁକ୍ତି ସ୍ୱାକ୍ଷର ହେବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥେଷ୍ଟ ଶସ୍ତା ହୋଇଛି । ଯୁଦ୍ଧ ପରେ ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଏହାର ଦାମ ୧୦୦ ଡଲାର ଉପରେ ଥିଲା । କିନ୍ତୁ ଶାନ୍ତି ଚୁକ୍ତି ହେବା ପରେ ତାହା ଦ୍ରୁତ ଗତିରେ ତଳକୁ ଖସିଛି । ଗତକାଲି ବ୍ରେଣ୍ଟ୍ କ୍ରୁଡ୍‌ର ଦାମ ବ୍ୟାରେଲ୍‌କୁ ୭୦.୯୧ ଡଲାର, ଆମେରିକାର ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମେଡିଆରିଜ୍‌ର ଦାମ୍ ୬୭.୮୩ ଡଲାର ଓ ମୁର୍ବାନ୍‌ର ଦାମ୍ ୬୪.୩୩ ଡଲାର ରହିଥିଲା ।

## ୩୨ ଲକ୍ଷର ପ୍ୟାକେଜକୁ ମନା କଲେ ଆଇଆଇଟି ଛାତ୍ରୀ

ମୁମ୍ବାଇ : ଆଜିର ସମୟରେ ଅଧିକ ପଇସା ପାଇଁ ଅନେକ ଲୋକ ସହର ବଦଳାଇବାକୁ ମଧ୍ୟ ପ୍ରସ୍ତୁତ ରୁହନ୍ତି । କିନ୍ତୁ ଆଇଆଇଟି ରୁର୍କୀରୁ ପଢ଼ିଥିବା ଡାଟା ସାଇଣ୍ଟିଷ୍ଟ ସ୍ନେହା ପ୍ରିୟା ଏକ ଭିନ୍ନ ନିଷ୍ପତ୍ତି ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଅଛନ୍ତି । ସେ ଗୁରୁଗ୍ରାମରେ ବର୍ଷକୁ ୩୨ ଲକ୍ଷ ଟଙ୍କା ଥିବା ଚାକିରି ପ୍ରସ୍ତାବକୁ ଅସ୍ୱୀକାର କରି ବେଙ୍ଗାଲୁରୁରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ନେହା କହିଛନ୍ତି ତାଙ୍କ ପାଇଁ ପଇସାଠୁ ବଡ଼ ମାନସିକ ଶାନ୍ତି, ସୁରକ୍ଷା ଓ ଭଲ ଜୀବନଶୈଳୀ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେ ବେଙ୍ଗାଲୁରୁକୁ ନିଜ ଘର ପରି ଅନୁଭବ କରନ୍ତି ଏବଂ ସେଠାର ପରିବେଶ ଓ ଲୋକଙ୍କ ବ୍ୟବହାରକୁ ବହୁତ ପସନ୍ଦ କରନ୍ତି । ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ସ୍ନେହା ଲେଖିଥିଲେ ଆଜି ମୋତେ ଗୁରୁଗ୍ରାମକୁ ଯାଇ ନୂଆ ଜୀବନ ଆରମ୍ଭ କରିବାକୁ ଥିଲା । କିନ୍ତୁ ମୁଁ ବେଙ୍ଗାଲୁରୁରେ ରହିବାକୁ ବାଛିଲି । ଏହା ପରେ ଆକାଶରେ ଦୁଇଟି ଇନ୍ଦ୍ରଧନୁ ଦେଖି ଲାଗିଲା ଯେପରି ମୋର ନିଷ୍ପତ୍ତି ଠିକ୍ ଥିଲା । ତାଙ୍କର ଏହି ପୋଷ୍ଟ ଏବେ ଭାଇରାଲ ହୋଇଛି । ସେ ଆହୁରି କହିଛନ୍ତି ଯେ ପୂର୍ବରୁ ଦିଲ୍ଲୀ-ଏନସିଆର ଅଞ୍ଚଳକୁ ଯାଇଥିବା ବେଳେ ତାଙ୍କର କିଛି ଅଭିଜ୍ଞତା ଭଲ ନଥିଲା । ସେଥିପାଇଁ ସୁରକ୍ଷାକୁ ଦୃଷ୍ଟିରେ ରଖି ସେ ଗୁରୁଗ୍ରାମକୁ ଯିବା ପରିବର୍ତ୍ତେ ବେଙ୍ଗାଲୁରୁରେ କମ୍ ପଇସାର ଚାକିରି ଗ୍ରହଣ କରିଛନ୍ତି । ସ୍ନେହାଙ୍କ ଏହି ନିଷ୍ପତ୍ତି ସୋସିଆଲ ମିଡିଆରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଅନେକ ଲୋକ ତାଙ୍କ ନିଷ୍ପତ୍ତିକୁ ପ୍ରଶଂସା କରି କହିଛନ୍ତି ଯେ, ଜୀବନରେ କେବଳ ଅଧିକ ଟଙ୍କା ହିଁ ସଫଳତାର ମାପକାଠି ନୁହେଁ ବରଂ ଭଲ ପରିବେଶ, ସୁରକ୍ଷା ଓ ମାନସିକ ସନ୍ତୁଷ୍ଟି ମଧ୍ୟ ସମାନ ଭାବରେ ଜରୁରୀ ।

# ତଦନ୍ତ ଜୋରଦାର, ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କୁ ପଚରାଉଚରା

ଅଯୋଧ୍ୟା: ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଦାନ ଚୋରି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ତଦନ୍ତକୁ ଆହୁରି ଜୋରଦାର କରିଛି । ମନ୍ଦିରର ଦାନ ଗଣନା ଓ ପରିଚାଳନା ସହ ଜଡିତ ଥିବା ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କୁ ଉତ୍ତରପ୍ରଦେଶ ପୁଲିସ ଆଜି ପୁଣିଥରେ ପଚରାଉଚରା କରିଛି । ଏହି ମାମଲାରେ ତଦନ୍ତ ଏବେ ଅଧିକ ବ୍ୟାପକ ରୂପ ନେଇଛି ଏବଂ ଅନେକ ଦିଗ ଉପରେ ଯାଞ୍ଚ ଚାଲିଛି ।

ପୁଲିସ ତଥ୍ୟ ଅନୁଯାୟୀ, ଅବିନାଶ ଶୁକ୍ଲାଙ୍କୁ ଅଯୋଧ୍ୟାର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ (ଏସ୍‌ଓଜି) କାର୍ଯ୍ୟାଳୟରେ ରଖି ପଚରାଉଚରା କରାଯାଉଛି । ତଦନ୍ତରେ ସହଯୋଗ କରିବା ପାଇଁ ଅଯୋଧ୍ୟା ସର୍କଲ ଅଫିସର (ସିଓ) ଅଶୁତୋଷ



ତିୱାରୀ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି । ଗତ କିଛି ଦିନ ଧରି ଚାଲିଥିବା ତଦନ୍ତରେ ତାଙ୍କୁ ୨୪ ଘଣ୍ଟିଆ ପୁଲିସ ରିମାଣ୍ଡରେ ନିଆଯାଇ ପଚରାଉଚରା କରାଯାଇଥିଲା । ଏହି ମାମଲାରେ ଏସ୍‌ଆଇଟିକୁ ଆଉ ୧୫ ଦିନର ଅତିରିକ୍ତ ସମୟ ଦିଆଯାଇଛି । ଏହି ସମୟରେ ତଦନ୍ତକୁ ଆହୁରି ବ୍ୟାପକ କରି ସମସ୍ତ ଆର୍ଥିକ କାରବାର, ଦାନ ରାଶିର ବ୍ୟବହାର ଓ ସମ୍ଭାବ୍ୟ ଦୁର୍ନୀତିର ସମସ୍ତ ଦିଗ ଉପରେ ଯାଞ୍ଚ କରାଯିବ । ତଦନ୍ତ ସଂସ୍ଥାର ଉଦ୍ଦେଶ୍ୟ ହେଉଛି ମାମଲାରେ ଜଡିତ ସମସ୍ତ ଲୋକଙ୍କୁ ଚିହ୍ନଟ କରିବା ଓ ଟଙ୍କାର ଗତିପଥ ଟ୍ରାକ୍ କରିବା । ତଦନ୍ତରେ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ମିଳିଛି । ପୁଲିସ ଅନେକ ସ୍ଥାନରେ ତଲାସି ଚଳାଇ ନଗଦ ଟଙ୍କା, ସୁନା, ରୂପା ଓ ବିଦେଶୀ ମୁଦ୍ରା ମଧ୍ୟ ଜବତ କରିଛି । ଅବିନାଶ ଶୁକ୍ଲା ସହ ଜଡିତ ପ୍ରାୟ ୨୦ ଲକ୍ଷ ଟଙ୍କାର ଆର୍ଥିକ ତଥ୍ୟ ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି । ଅନ୍ୟ ଅଭିଯୁକ୍ତମାନଙ୍କଠାରୁ ମଧ୍ୟ ଅଲଗା ଅଲଗା ରାଶି ଉଦ୍ଧାର ହୋଇଛି । ସରକାର ଏହି ମାମଲାକୁ ଗୁରୁତ୍ୱ ସହ ନେଇ ଏସ୍‌ଆଇଟିକୁ ସମସ୍ତ ଦିଗରୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ଆଗକୁ ବଢ଼ିବା ସହ ଆହୁରି କିଛି ନୂଆ ତଥ୍ୟ ଆସିପାରେ ବୋଲି ଆଶା କରାଯାଉଛି ।

## ୩୦ ସନ୍ଦିଗ୍ଧ ଅଟକ

ରାଜସ୍ଥାନ : ରାଜସ୍ଥାନ ପୁଲିସର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଶୁକ୍ରବାର ରାଜ୍ୟରେ ବଡ଼ଧରଣର ଚଢ଼ଉ କରି ପାଖାପାଖି ୩୦ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି । ଜୟପୁର, ଆଜମେର୍, ଚୁରୁ, ଡୁଙ୍ଗରପୁର, ବାଡମେର୍ ଓ ଅନ୍ୟ ୧୨ରୁ ଅଧିକ ସହରରେ ଚଢ଼ଉ କରି ଏଟିଏସ୍ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ ହ୍ୟାଣ୍ଡଲର ଶାହଜାଦ ଭଟ୍ଟି ସହିତ ସୋସିଆଲ ମିଡିଆ ମାଧ୍ୟମରେ ସମ୍ପର୍କରେ ଥିବା ଅଭିଯୋଗରେ ପୁଲିସ ସନ୍ଦିଗ୍ଧମାନଙ୍କୁ ଅଟକ ରଖିଛି । ଦିଲ୍ଲୀ ପୁଲିସ ଭଳିର ନିର୍ଦ୍ଦେଶରେ କାମ କରୁଥିବା ଏକ ଆନ୍ତଃରାଜ୍ୟ ଆତଙ୍କବାଦ ଓ ଅସ୍ତ୍ରଶସ୍ତ୍ର ନେଟୱାର୍କର ପର୍ଦ୍ଦାଫାସ କରିବା ପରେ ଏହି ଚଢାଉ କରାଯାଇଥିଲା । ଯେଉଁଥିରେ ପଞ୍ଜାବ ବାସିନ୍ଦା ଶୁଭଦୀପ ସିଂହ (୨୩), ଗୁରଜନ୍ତ ସିଂହ (୨୨), ସାଜନ ସିଂହ (୨୮) ଏବଂ ଗଗନପ୍ରୀତ (୨୪)ଙ୍କୁ ଗିରଫ କରାଯାଇଥିଲା ।

# ଆଜି ଦ୍ୱିତୀୟ ଟ୍ୱେଣ୍ଟି୨୦ : ସାମ୍ସନ୍ ଓ ସୂର୍ଯ୍ୟବଂଶୀଙ୍କୁ ନେଇ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୦୩।୦୭; ବିସ୍ମୟ ବୈଭବ ବନାମ ସଞ୍ଜୁ ସାମସନ । ସାମସନ ଆଉଟ୍ , ସୂର୍ଯ୍ୟବଂଶୀ ଇନ୍ ! ଟିମ୍ ଇଣ୍ଡିଆରେ ହେବ କି ବୈଭବଙ୍କ ଡେବ୍ୟୁ କଟିବ ସଞ୍ଜୁଙ୍କ ପତ୍ତା। ଦ୍ୱିତୀୟ ଟି-ଟ୍ୱେଣ୍ଟି ହୋଇପାରେ ସାମସନଙ୍କ ଶେଷ ମ୍ୟାଚ୍ । ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚରେ ନିଆଯାଇପାରେ ବଡ଼ ନିଷ୍ପତ୍ତି । ଭାରତୀୟ ପ୍ଲେଇଂ ଏକାଦଶରେ ହୋଇପାରେ ବଡ଼ ପରିବର୍ତ୍ତନ । ଯଦି ସଞ୍ଜୁ ଦ୍ୱିତୀୟ ମ୍ୟାଚରେ ଫ୍ଲେପ୍ ହେଉଛନ୍ତି

**ପ୍ରସାରଣ: ସୋନି ସ୍ପୋର୍ଟସ, ସୋନି ଲିଭ୍**
**ସମୟ: ରାତି ୭ଟା**




ତେବେ ତାଙ୍କ ସ୍ଥାନରେ ବୈଭବଙ୍କୁ ଚାନ୍ସ ମିଳିପାରେ । ନୀଳ ଜର୍ସିରେ ମୈଦାନକୁ ଓହ୍ଲାଇ ପାରନ୍ତି ବ୍ୟାଟିଂ ବିସ୍ମୟ ବୈଭବ । ଯଦି ସଞ୍ଜୁଙ୍କୁ ଦ୍ୱିତୀୟ ଟି-ଟ୍ୱେଣ୍ଟିରେ ଖେଳାଯାଉଛି ସେ ଫ୍ଲପ୍ ହେଉଛନ୍ତି ତେବେ ତୃତୀୟ ଟି-ଟ୍ୱେଣ୍ଟିରେ ବୈଭବଙ୍କ ଡେବ୍ୟୁ ନିଶ୍ଚିତ ହୋଇଯିବ ।

ବୈଭବ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ଡେବ୍ୟୁକୁ ସମସ୍ତେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଆୟରଲ୍ୟାଣ୍ଡ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳିନଥିଲା । ଟିମ୍ ଇଣ୍ଡିଆ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ରେ ମଧ୍ୟ ଏହାର ପୁରୁଣା କମ୍ବିନେସନ୍ ଖେଳିଥିଲା । କିନ୍ତୁ ଏବେ ବୈଭବଙ୍କ ଡେବ୍ୟୁ ସମ୍ଭବ । ଏହାର ସମ୍ଭାବନା ପୂର୍ବ ଅପେକ୍ଷା ବହୁତ ଅଧିକ ମନେ ହେଉଛି । ଶନିବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ରେ ବୈଭବ ଡେବ୍ୟୁ କରିପାରନ୍ତି । ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ବିଜୟ ଖାତା ଖୋଲିବାକୁ ଲଢିବେ । ଦ୍ୱିତୀୟ ମ୍ୟାଚ୍‌ରେ ବୈଭବଙ୍କୁ ସୁଯୋଗ ମିଳିପାରେ ଏବଂ ତାଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ବାଦ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ସଞ୍ଜୁ ଲଗାତାର ବିଫଳ ହୋଇ ଆସୁଛନ୍ତି । ସେ ଆୟର୍ଲାଣ୍ଡରେ ଭଲ ପ୍ରଦର୍ଶନ କରିନଥିଲେ, ଏବଂ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ରେ ତାଙ୍କର ବ୍ୟାଟିଂ ମଧ୍ୟ ଫ୍ଲପ୍ ହୋଇଥିଲା । ଟି-୨୦ ବିଶ୍ୱକପ୍ରେ ଭାରତର ବିଜୟରେ ସଞ୍ଜୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ଏବେ ତାଙ୍କ ବ୍ୟାଟ୍ ଶାନ୍ତ ପଡିଛି । ଏହି କାରଣରୁ ସଞ୍ଜୁଙ୍କ ସ୍ଥାନରେ ବୈଭବଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ସୁଯୋଗ ଦିଆଯାଇପାରେ । ଦଳ ଇଶାନ କିଷନଙ୍କୁ ଆଉ ଏକ ସୁଯୋଗ ଦେଇପାରେ । ଯଦି ସଞ୍ଜୁଙ୍କୁ ବାଦ ଦିଆଯାଏ, ତେବେ ଇଶାନଙ୍କୁ ବାଦ ଦିଆଯାଇପାରିବ ନାହିଁ କାରଣ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କୁ ୱିକେଟକିପର ଭାବରେ ଖେଳିବାକୁ ପଡିବ ।

ପ୍ରତିଭାଶାଳୀ ତିଳକ ବର୍ମା ମଧ୍ୟ ମଧ୍ୟଭାଗରେ ସେପରି କିଛି କରି ପାରୁନାହାନ୍ତି। ଚଳିତ ବର୍ଷ ୧୨ ଟ୍ୱେଣ୍ଟି-୨୦ ଖେଳିଥିଲା ବେଳେ ମାତ୍ର ୧୨ ଛକା ମାରି ପାରିଛନ୍ତି। ତେବେ ଶିବମ ଦୁବେ ଗତ ମ୍ୟାଚ୍‌ରେ ବିସ୍ଫୋରକ ପାଳି ଖେଳି ଫର୍ମ ଫେରିବାର ସଙ୍କେତ ଦେଇଛନ୍ତି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଟ୍ରାକ୍ ଗ୍ରିପ୍ ଓ ରିଷ୍ଟ ସ୍ପିନରଙ୍କୁ ସୁହାଇବ। ତେଣୁ ଭାରତୀୟ ସ୍ପିନ୍ ବୋଲିଂ ବାହିନୀରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ପ୍ରାୟ ନାହିଁ। ଅନ୍ୟପକ୍ଷରେ ଇଂଲଣ୍ଡର ବ୍ୟାଟିଂ ଲାଇନ୍ ଅତି ଚମତ୍କାର ରହିଛି। ଭାରତୀୟ ବୋଲିଂକୁ ସାମ୍ନା କରିବାକୁ ଅଧିନାୟକ ହ୍ୟାରି ବ୍ରୁକ୍, ଫିଲ୍ ସଲ୍ଟ ଓ ଟମ୍ ବାଣ୍ଟନ ରହିଛନ୍ତି। ଗତ ମ୍ୟାଚ୍‌ରେ ବିଶ୍ରାମ ନେଇଥିବା ଜୋଫ୍ରା ଅରଚରଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳାଇବାକୁ ଦଳ ଚିନ୍ତା କରିଛି।

ଘରୋଇ ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମୁକାବିଲା ବର୍ଷା ଯୋଗୁଁ ଅଧାରୁ ବାତିଲ ହୋଇଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍ ବିନିମୟରେ ୧୮୯ ରନ ସଂଗ୍ରହ କରିଥିଲା । ଏହାପରେ ବର୍ଷା ହେବାରୁ ଖେଳ ଜାରି ରଖିବା ସମ୍ଭବ ହୋଇ ନଥିଲା । ୧ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ନଛାଡ଼ିବାରୁ ମ୍ୟାଚକୁ ବାତିଲ କରିଥିଲେ ଦୁଇ ଅମ୍ପାୟାର । ଏହି ମ୍ୟାଚରେ ସଞ୍ଜୁ ସାମସନ ବିଫଳ ହୋଇଥିଲେ । ୭ ବଲରେ ମାତ୍ର ୧ ରନ୍ କରିଥିଲେ । ଇଶାନ କିଷନ ଖାତା ଖୋଲି ପାରିନଥିଲେ । ଅଭିଷେକ ଶର୍ମା ୫୯ ରନ୍, ଅଧିନାୟକ ଆୟର ୪୭ ବଲରେ ୬୮ ରନର ଇନିଂସ ଖେଳିଥିଲେ । ତିଲକ ବର୍ମା ୧୩ ଓ ଶିବମ ଦୁବେ ୪୨ ରନ୍ କରିଥଲେ । ଆଇପିଏଲ୍‌ରେ ବିସ୍ଫାରଣ ପରେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିବା ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବାକୁ ସୁଯୋଗ ମିଳିନାହିଁ । ତାଙ୍କ ପଦାର୍ପଣକୁ ଅପେକ୍ଷା କରିଛନ୍ତି ଫ୍ୟାନ୍ସ ।

ସମ୍ଭାବ୍ୟ ଭାରତୀୟ ଦଳ: ସଞ୍ଜୁ ସାମ୍‌ସନ୍/ ବେଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍‌ରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ/ ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ। ସମ୍ଭାବ୍ୟ ଇଂଲଣ୍ଡ ଦଳ: ଫିଲ ସଲ୍ଟ, ଜୋସ ବଟଲର (ୱିକେଟ୍‌ରକ୍ଷକ), ହାରି ବ୍ରୁକ୍ (ଅଧିନାୟକ), ଜାକବ ବେଥେଲ, ଟମ୍ ବାଣ୍ଟନ, ୱିଲ ଜ୍ୟାକ୍ସ, ସାମ୍ କରନ, ୱିଲ୍ ଜାକ୍ସ, ଲିଅମ ଡସନ୍, ଲୁକେ ଉଡ୍/ଜୋଫ୍ରା ଆର୍‌ଚର, ସକିବ ମହମୁଦ, ଆଦିଲ ରସିଦ।

## ଆଲ୍‌ଜେରିଆ ନକ୍‌ଆଉଟ: ଆଗେଇଲା ସ୍ୱିଜରଲାଣ୍ଡ

ଭାନ୍‌କେଭର,୩।୭: ସ୍ୱିଜରଲାଣ୍ଡ ଚଳିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୧୬ରେ ପ୍ରବେଶ କରିଛି। ଶୁକ୍ରବାର ସ୍ଥାନୀୟ ବିସି ପ୍ଲେସ୍‌ରେ ଖେଳାଯାଇଥିବ ରାଉଣ୍ଡ-୩୨ ମୁକାବିଲାରେ ଏହି ଦଳ ୨-୦ ଗୋଲ୍‌ରେ ଆଲ୍‌ଜେରିଆକୁ ପରାସ୍ତ କରି ବିଦାୟ ରାସ୍ତା ଦେଖାଇଛି।



ମ୍ୟାଚ୍‌ର ଦଶମ ମିନିଟ୍‌ରେ ବ୍ରିଲ ଏମ୍ବୋଲୋଙ୍କ ଗୋଲ୍‌ରେ ସ୍ୱିଜରଲାଣ୍ଡ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ସେ ଜୋହାନ ମାଞ୍ଜାବିଙ୍କ ପାସ୍‌ରେ ଏହି ଗୋଲ୍ କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା ସ୍ୱିଜରଲାଣ୍ଡ। ସେହିପରି ଦ୍ୱିତୀୟାର୍ଦ୍ଧ ଆରମ୍ଭର ୪୭ ସେକେଣ୍ଡରେ ସ୍ୱିଜରଲାଣ୍ଡ ଆଉ ଏକ ଗୋଲ୍ ଲଦି ୨-୦ରେ ଆଗୁଆ ହୋଇଯାଇଥିଲା। ଏହି ଗୋଲ୍‌ଟି ଡାନ୍ ଏନ୍‌ଡୋୟ (୪୬ ମିନିଟ୍) ଦେଇଥିଲେ। ଏହି ଦୁଇ ଗୋଲ୍ ପରେ ସ୍ୱିଜରଲାଣ୍ଡ ରକ୍ଷଣାତ୍ମକ ଖେଳ ଖେଳି ଆଲ୍‌ଜେରିଆକୁ କେଣସି ସୁଯୋଗ ନ ଦେଇ ବିଜୟ ମୁଣ୍ଡି ମାରିଥିଲା। ବ୍ରିଲ ଏମ୍ବୋଲୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# କ୍ରୋଏସିଆକୁ ହରାଇ ପ୍ରିକ୍ୱାର୍ଟରରେ ପର୍ତ୍ତୁଗାଲ

ଟରୋଣ୍ଟୋ: ନାଟକୀୟ ଭାବେ ଇନ୍‌ଜୁରୀ ସମୟରେ ବଦଳ ଖେଳାଳି ଗୋନ୍‌କାଲୋ ରାମୋସଙ୍କ ହେଡର୍ ବଳରେ ଶୁକ୍ରବାର ପର୍ତ୍ତୁଗାଲ୍ ୨-୧ ଗୋଲ୍‌ରେ କ୍ରୋଏସିଆକୁ ପରାସ୍ତ କରିଛି। ଏହି ବିଜୟ ସହ ପର୍ତ୍ତୁଗାଲ ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଯାଇଛି। ସୋମବାର କ୍ୱାର୍ଟରଫାଇନାଲ୍ ସ୍ଥାନ ପାଇଁ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ଦଳ ପଡାଶୀ ସ୍ପେନ୍‌କୁ ଭେଟିବ।

**ଦ୍ୱିତୀୟାର୍ଦ୍ଧରେ ଗୋଲ୍ କଲେ ରୋନାଲଡୋ**




ଶୁକ୍ରବାର ଟରୋଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ହେଲେ ୫୩ତମ ମିନିଟ୍‌ରେ ଜୋସିପ୍ ଷ୍ଟାନିସିକ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ଭେଟେରାନ ୱିଙ୍ଗର ଇଭାନ ପେରିସିକ୍ ଗୋଲ୍‌ରେ ପରିଣତ କରି କ୍ରୋଏସିଆକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ୬୮ତମ ମିନିଟ୍‌ରେ ପର୍ତ୍ତୁଗାଲ୍‌କୁ ମିଳିଥିବା ପେନାଲ୍‌ଟିକୁ ରୋନାଲ୍‌ଡୋ ଗୋଲ୍‌ରେ ପରିଣତ କରି ସ୍ଥିତି ୧-୧ କରି ଦେଇଥିଲେ। ଏହି ଗୋଲ୍ ସହ ୪୧ ବର୍ଷୀୟ ରୋନାଲ୍‌ଡୋ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ୍‌ରେ ଗୋଲ୍ ଦେବାରେ ସବୁଠୁ ବୟସ୍କ ଖେଳାଳି ହେବାର ଗେରବ ଅର୍ଜନ କରିଛନ୍ତି। ସେ ୪୧ ବର୍ଷ ୧୪୭ ଦିନ ବୟସରେ ଏହି ଗୋଲ୍ କରିଥିଲେ। ତାଙ୍କ ପୂର୍ବରୁ ଏହି ରେକର୍ଡ ବୋସନିଆ ଓ ହର୍ଜଗୋଭିନା ଅଧିକ ଏଡିନ୍ ଜେକୋ (୪୦ ବର୍ଷ ୧୦୬ ଦିନ ବନାମ ଆମେରିକା)ଙ୍କ ନାମରେ ଥିଲା। ଏହା ମଧ୍ୟ ରୋନାଲ୍‌ଡୋଙ୍କ ବିଶ୍ୱକପ୍ ନକ୍‌ଆଉଟ୍‌ରେ ପ୍ରଥମ ଗୋଲ୍ ହୋଇଥିଲା।

ତେବେ ୮୨ତମ ମିନିଟ୍‌ରେ ରୋନାଲ୍‌ଡୋଙ୍କୁ ବାହାରକୁ ଆଣି ବଦଳ ଖେଳାଳି ଭର୍ତ୍ତି କରି ପର୍ତ୍ତୁଗାଲ ପ୍ରବନ୍ଧକ ରୋବର୍ଟୋ ମାର୍ଟିନେଜ୍ ନୂଆ ଚାଲ୍ ଖେଳିଥିଲେ। ଏହାର ଫାଇଦା ଦଳକୁ ୯୪ତମ ମିନିଟ୍‌ରେ ମିଳିଥିଲା। ରାଫେଲ ଲିଓଙ୍କ ସୁନ୍ଦର କ୍ରସ୍ ବକ୍ସକୁ ଆସୁଥିଲା ବେଳେ ରାମୋସ୍ ହେଡ୍‌ର୍‌ରେ କ୍ରୋଏସିଆ ଗୋଲି ଡୋମିନିକ୍ ଲିଭାକୋଭିକ୍‌ଙ୍କୁ ପରାସ୍ତ କରି ଗୋଲ୍ ଦେଇଥିଲେ। ଇନ୍‌ଜୁରି ସମୟରେ ୨-୧ରେ ପଛୁଆ ଥିବା କ୍ରୋଏସିଆ ମ୍ୟାଚ୍‌ର ଶେଷ ହ୍ୱିସିଲ୍ ବାଜିବା ପୂର୍ବରୁ ପର୍ତ୍ତୁଗାଲ୍ ଗୋଲ୍ ପୋଷ୍ଟ୍‌କୁ ବଲ୍ ପଠାଇ ମ୍ୟାଚ୍‌କୁ ଅତିରିକ୍ତ ସମୟକୁ ନେବାକୁ ଯାଉଥିଲା। ହେଲେ ମାରିଓ ପାସିଲିକ୍ ମାରିଥିବା ଏହି ସଟ୍‌ଟି ଭାର୍‌ରେ ଅଫ୍‌ସାଇଡ୍ ଥିବା ଜଣାପଡିବାରୁ ଗୋଲ୍‌ଟିକୁ ଅମ୍ପାୟାର ନାକଚ କରି ଦେଇଥିଲେ। ଏହାକୁ ନେଇ କ୍ରୋଏସିଆ ପ୍ରଶଂସକ କ୍ଷୁବ୍ଧ ହେବା ସହ ପଡିଆ ଭିତରକୁ ବୋତଲ ଫିଙ୍ଗିଥିଲେ।

ବିବାଦରେ ଶେଷ ହୋଇଥିବା ଏହି ମ୍ୟାଚ୍ ପରେ ଲୁକା ମାଡ୍ରିକ୍‌ଙ୍କ ଅନ୍ତର୍ଜାତୀୟ ଜୀବନର ହୃଦୟ ବିଦାରକ ଅବସାନ ଘଟିଥିଲା। ୫ ବିଶ୍ୱକପ୍ ଖେଳିଥିବା ୪୦ ବର୍ଷୀୟ ଏହି କ୍ରୋଏସିଆ ମହାନ୍ ଫୁଟ୍‌ବଲର୍‌ଙ୍କ ନେତୃତ୍ୱରେ ଦଳ ୨୦୧୮ରେ ଉପବିଜେତା ଏବଂ ୨୦୨୨ରେ ତୃତୀୟ ସ୍ଥାନ ଅଧିକାର କରିଥିଲା।

## ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ

# ଅଷ୍ଟ୍ରେଲିଆ-ଇଂଲଣ୍ଡ ଫାଇନାଲ

ଲଣ୍ଡନ,୩।୭: ଚଳିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲ୍ ଲାଇନ୍ ଚୂଡାନ୍ତ ହୋଇଛି। ଆସନ୍ତା ୫ ତାରିଖରେ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ୍ ମୁକାବିଲା ଖେଳାଯିବ । ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମି ଫାଇନାଲ୍‌ରେ ଇଂଲଣ୍ଡ ୪୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ୨୨ କୋଟି ଟଙ୍କାର ମ୍ୟାଚ୍ ଖେଳାଯିବ । ପରାଜିତ ଟିମ୍ ବି ମାଲାମାଲ ହେବ ।

ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍ ହରାଇ ୧୨୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ତଜମିନ ବ୍ରିଟ୍ସ ୫୧, ଲୌରା ଉଲଭାର୍ଟ ୧୭, ନାଦିନ ଡି' କ୍ଲର୍କ ଅପରାଜିତ ୧୪ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ ଓ ଚାର୍ଲି ଡିନ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକାର ପେସ୍ ବୋଲର ସବ୍ନିମ୍ ଇସମାଇଲ ଇନିଂସ୍‌ର ଦ୍ୱିତୀୟ ଓଭରରେ ଇଂଲଣ୍ଡ ଓପନର ଆମି ଜୋନ୍ସଙ୍କୁ (୨) ଏବଂ ମାରିଜନେ କାପ୍ ତୃତୀୟ ଓଭରରେ ଡାନି ୱାଟ୍-ହଜ୍‌ଙ୍କୁ (୧୨) ପାଭିଲିୟନ ପଠାଇ ଉନ୍ମାଦନା ଖେଳାଇ ଦେଇଥିଲେ । ଇସ୍ମାଇଲ ପୁଣି ଚତୁର୍ଥ ଓଭରରେ ଆଲିସ୍ କ୍ୟାପ୍ସୀଙ୍କୁ (୧) ଆଉଟ୍ କରିବା ଫଳରେ ଇଂଲଣ୍ଡ ୨୩ ରନ୍‌ରେ ୩ଟି ୱିକେଟ୍ ହରାଇ ସଂକଟରେ ପଡିଥିଲା ।

ଏହାପରେ ଅଧିନାୟିକା ନାତାଲି ସ୍କିଭରବ୍ରଣ୍ଟ ଓ ହିଦର ନାଇଟ୍ ଦୃ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିବା ସହ ଦଳୀୟ ସ୍କୋରକୁ ୧୫୬ରେ ପହଞ୍ଚାଇ ଥିଲେ । ସ୍କିଭର-ବ୍ରଣ୍ଟ ୪୭ଟି ବଲ୍‌ରେ ଦ୍ରୁତ ୭୫ (୧୧ଚୌକା, ୧ଛକା) ରନ୍ କରି ପାଭିଲିୟନ ଫେରିଥିଲେ । ମାତ୍ର ନାଇଟ୍ ୫୮ (୬ଚୌକା, ୧ଛକା) ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୫/୧୬୯ରେ ପହଞ୍ଚି ଯାଇଥିଲା । ଚାମ୍ପିଅନ୍ ଦଳ ଉପରେ ହେବ ଟଙ୍କା ବର୍ଷା- ମହିଳା କ୍ରିକେଟକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଚଳିତ ବର୍ଷ ପୁରସ୍କାର ରାଶିକୁ ଯଥେଷ୍ଟ ବୃଦ୍ଧି କରିଛି । ବିଜେତା ଦଳକୁ ୨୨ କୋଟି ଟଙ୍କାରୁ ଅଧିକର ଏକ ମୋଟା ପୁରସ୍କାର ସହିତ ଏକ ଚମକଦାର ଟ୍ରଫି ମିଳିବ । ପରାଜିତ ଦଳ ମଧ୍ୟ ଖାଲି ହାତରେ ଫେରିବ ନାହିଁ । ରନର୍ସଅପ ଟିମକୁ ପ୍ରାୟ ୧୧ କୋଟି ଟଙ୍କା ର ନଗଦ ପୁରସ୍କାର ମିଳିବ । ଏହାର ଅର୍ଥ ହେଉଛି ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଦଳ ନିଶ୍ଚିତ ଭାବରେ ମାଲାମାଲ ହେବେ ।

## କାଣ୍ଡସରରେ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ପୁରିହାସା ଗ୍ରାମ ବିଜୟୀ

ମୟୂରଭଞ୍ଜ;୦୩।୦୭: ଜାମଦା ବ୍ଲକ ତାଳଗାଁ ପଞ୍ଚାୟତ କାଣ୍ଡସର ଠାରେ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ଯାଇଛି । ଏଥିରେ ମୋଟ ଷୋହଳ



ଟି ଟିମ୍ ଅଂଶ ଗ୍ରହଣ କରି ଥିଲେ । ଏହି ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ ପୁରି ହାସା ଏବଂ ବିଂଝୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଫାଇନାଲ ମ୍ୟାଚରେ ଟାଟା ଜାମସେଦପୁର ସୁନ୍ଦର ନଗରରୁ ଆସିଥିବା ପୁରିହାସା ଗ୍ରାମ ବିଜୟୀ ଲାଭ କରି ଥିଲା । ବିଜେତା ଟିମ କୁ ଆମ ଗୋହଣ ରେ ଥିବା ତାଳଗାଁ ପଞ୍ଚାୟତ ର ସରପଞ୍ଚ ଡ଼ମ୍ବୁରୁଧର ହେମ୍ବ୍ରମ ଟ୍ରଫି ପ୍ରଦାନ କରିଥିଲେ ।ପ୍ରଥମ ପୁରସ୍କାର ବାବଦକୁ ୧୭,୦୦୦ହଜାର,ଦ୍ୱିତୀୟ ପୁରସ୍କାର ବାବଦକୁ ୧୩,୦୦୦ହଜାର ଟଂକା ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟଟିକୁ ମୁସ୍ତଫା ସାର, ଦେବ କିଶର କାଳନ୍ଦୀ, ସେକ ମୁନି ରୁଦ୍ଦିନ, ଲକ୍ଷ୍ମୀ ଧର ପାତ୍ର, ମାଧୁଆ, ଟିଟୁ, ବିମଳ ପାତ୍ର, ସତ୍ୟ ପାତ୍ର, ସୈକ କେଲିମ, ଲଳିତ ଲଳିତ ପାତ୍ର ଆୟୋଜିତ କରିଥିଲେ ।

# ପୁଅର ଚିକିତ୍ସା ପାଇଁ ବିକିଥିଲେ ଜର୍ସି, ଆଜି ପେନାଲ୍ଟି ହିରୋ

ନୂଆଦିଲ୍ଲୀ,୦୩।୦୭: ଦୁଇ ବର୍ଷ ତଳେ ଯେଉଁ ଖେଳାଳି ଅସୁସ୍ଥ ପୁତ୍ରକୁ ବଞ୍ଚାଇବା ପାଇଁ ଜର୍ସି, ଜୋତା ଓ ସବୁ କ୍ରୀଡା ଉପକରଣ ବିକ୍ରି କରି ଦେଇଥିଲା, ଆଜି ସେହି ଖେଳାଳି ନିଜର ଯାଦୁକରୀ ଗୋଲ କିପିଙ୍ଗ ବଳରେ ପାରାଗୁଏର ଭାଗ୍ୟ ବଦଳାଇ ଦେଇଛି । ଜର୍ମାନୀ ବିପକ୍ଷରେ ୨ଟି ପେନାଲ୍ଟି (ସୁଟ ଆଉଟ୍) ଅଟକାଇ ସେ ସାଜିଛି ମହାନାୟକ । ଯେତେବେଳେ ଜଣେ ଯୋଦ୍ଧା ସବୁ ହରାଇ ମଧ୍ୟ ଲିବା ଛାଡ ନାହିଁ, ସେତେବେଳେ ଇତିହାସ ତା' ବୀରତ୍ୱର ଗାଥା ଲେଖେ । ପାରାଗୁଏ ଗୋଲ୍ କିପର ଓର୍ଲାଣ୍ଡୋ ଗିଲ୍‌ଙ୍କ କ୍ଷେତ୍ରରେ ଠିକ୍ ଏଭଳି ଘଟଣା ଘଟିଛି । ଜର୍ମାନୀର ପେନାଲ୍ଟି ଅଟକାଇ ଚର୍ଚ୍ଚାକୁ ଆସିଲେ । ୟୁଏସଏ ବିପକ୍ଷ ପରାଜୟ ପରେ ହୋଇଥିଲା ସମାଲୋଚନା । 'ମୂକ' ନାମ ଦେଇଥିଲେ ପୂର୍ବତନ ଖେଳାଳି ।



୨୦୧୮ରେ କ୍ଲବ ଫୁଟବଲ୍ ଖେଳୁଥିବା ଓର୍ଲାଣ୍ଡୋ ଦେଶ ପାଇଁ ଆଉ ଥରେ ଖେଳିବାର ଆଶା ହରାଇ ସାରିଥିଲେ । ଏପରିକି ୨୦୨୫ ପର୍ଯ୍ୟନ୍ତ ସେ ନିଜ କ୍ଲବ୍ 'ସାନ ଲରେଞ୍ଜୋ ଡି ଆଲମାଗ୍‌ରୋ'ର ପ୍ରଥମ ପସନ୍ଦ ଗୋଲ୍ କିପର ନଥିଲେ । ସେ ଥିଲେ ରିଜର୍ଭ ଦଳର ସଦସ୍ୟ । ଦୀର୍ଘ ଦିନ ଧରି ସଂଘର୍ଷ ଓ ଆର୍ଥିକ ସଂକଟ ମଧ୍ୟରେ ଜୀବନ ବିତାଉଥିବା ଓର୍ଲାଣ୍ଡୋ ଚଳିତ ଫିଫା ବିଶ୍ୱକପ୍ରେ ଜର୍ମାନୀ ବିପକ୍ଷ ବିଜୟ ପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ଓର୍ଲାଣ୍ଡୋ ଏକଦା ନିଜ ଦେଶରେ ଅଲୋଡା ହୋଇ ଯାଇଥିଲେ । ୨୦୨୩ ପର୍ଯ୍ୟନ୍ତ ସେ ପାରାଗୁଏରେ ଦ୍ୱିତୀୟ ଡିଭିଜନ ଲିଗ୍ ଖେଳୁଥିଲେ । ନିଜ ଦେଶରେ ସୁଯୋଗ ନପାଇ ୨୦୨୪ରେ ସେ ବାଧ୍ୟ ହୋଇ କ୍ୟାରିୟର ଗିବା ଲକ୍ଷ୍ୟରେ ଆର୍ଜେଣ୍ଟିନାରେ ପହଞ୍ଚିଥିଲେ । କ୍ୟାରିୟରକୁ ନେଇ ଚାଲିଥିବା ସଂଘର୍ଷ ମଧ୍ୟରେ ଆର୍ଥିକ ସଂକଟ ଘନେଇ ଚାଲିଥିଲା । ଏପରିକି ପରିବାର ସଦସ୍ୟଙ୍କ ପାଇଁ ଖାଦ୍ୟ ଯୋଗାଡ କରିବା କଷ୍ଟକର ହେଉଥିଲା । ଏପଟେ କ୍ଲବ୍ କ୍ୟାରିୟର ମଧ୍ୟ ଆଗେଇ ପାରୁ ନଥିଲା ।

୨୦୨୨ରେ ଓର୍ଲାଣ୍ଡୋଙ୍କ ଏକ ପୁତ୍ର (ଲୌଟରୋ) ସନ୍ତାନ ଜନ୍ମ ନେଇଥିଲା । ଜନ୍ମରୁ ଅସୁସ୍ଥ ଥିବା ପୁତ୍ରର ଚିକିତ୍ସା ପାଇଁ ଅର୍ଥ ନଥିବାରୁ ସେ ବାଧ୍ୟ ହୋଇ ନିଜ ଜର୍ସି, ଗ୍ଲୋଭ ଓ ଅନ୍ୟାନ୍ୟ କ୍ରୀଡା ଉପକରଣ ସବୁ ବିକ୍ରି କରି ଦେଇଥିଲେ । ଏପରିକି ୨୦୧୯ରେ ଅନୁଷ୍ଠିତ ୨୦ବର୍ଷରୁ କମ୍ କୋପା ଆମେରିକା କପ୍ରେ ସେ ପିନ୍ଧିଥିବା ପାରାଗୁଏ ଜର୍ସିକୁ ମଧ୍ୟ ସେ ବିକି ଦେଇଥିଲେ । ସମୟ ବଦଳିଲା । ଦୁଃଖରେ ପଡିଲା ପୂର୍ଣ୍ଣଛେଦ । ଆର୍ଜେଣ୍ଟିନାର ପାଓ୍ୱାର ହାଉସ କୁହାଯାଉଥିବା ସାନ ଲରେଞ୍ଜୋ କ୍ଲବ୍ ପ୍ରାଥମିକ ୪ ଗୋଲ୍ କିପର ଭାବେ କିଲୋର ନାଭାସଙ୍କୁ ଚୁକ୍ତି କରିବାରେ ବିଫଳ ହେବା ପରେ ମ୍ୟାନେଜର ମିଗ୍‌ୱେଲ ରୁସୋ ବାଧ୍ୟ ହୋଇ ଓର୍ଲାଣ୍ଡୋଙ୍କୁ ସିନିୟର ଡିଭିଜନରେ ଖେଳାଇବାକୁ ମନସ୍ଥ କରିଥିଲେ । ସୁଯୋଗ ହାତଛଡା କରି ନଥିଲେ ଓର୍ଲାଣ୍ଡୋ । ଜୀବନକୁ ବାଜିରେ ଲଗାଇବା ଭଳି ଗୋଲ୍ କିପିଙ୍ଗ କରି ମ୍ୟାନେଜରଙ୍କ ଭରସା ଜିତିଥିଲେ । କ୍ଲବ ପ୍ରଦର୍ଶନ ବଳରେ ସେ ପାରାଗୁଏ ଦଳରେ ସ୍ଥାନ ପାଇଥିଲେ । ଯୋଗ୍ୟତା ପର୍ଯ୍ୟାୟରେ ତାଙ୍କ ପ୍ରଦର୍ଶନ ବଳରେ ପାରାଗୁଏ ବିଶ୍ୱକପ ଟିକେଟ୍ ହାସଲ କରିଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982